
ମାସିକ ଇ-ପତ୍ରିକା

# ଆମ କବିତା

❖ ଦ୍ୱିତୀୟ ବର୍ଷ

❖ ଅଷ୍ଟମ ସଂଖ୍ୟା

❖ ଅଗଷ୍ଟ ୨୦୨୩



# ଆମ କବିତା

ଦ୍ୱିତୀୟ ବର୍ଷ ❖ ଅଷ୍ଟମ ସଂଖ୍ୟା ❖ ଅଗଷ୍ଟ ୨୦୨୩



**ମାର୍ଗଦର୍ଶକ**

ଡ. ପ୍ରମୋଦ ଚନ୍ଦ୍ର ଦାଶ

**ସମ୍ପାଦକ**

ନିଶିକାନ୍ତ କହଲସିଂହ

**ଉପଦେଷ୍ଟା ମଣ୍ଡଳୀ**

ସମରଜିତ ପଟ୍ଟନାୟକ
ବାବାଜୀ ଚରଣ ଜେନା
ବିଭୁପ୍ରସାଦ ହରିଚନ୍ଦନ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**

ତ୍ରିଲୋଚନ ଦାସ
ରଶ୍ମିତା ନାୟକ
ବାସନ୍ତୀ ଦେଈ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ
ପ୍ରୀତମ ବଳିୟାରସିଂହ



ଆମରି ସତ୍ୟ
ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା
ଯୋଗାଯୋଗ : ୯୪୩୭୨୮୧୬୫୫, **email : amarisatya@gmail.com**

# ସମ୍ପାଦକୀୟ

ଅଗଷ୍ଟ
୨୦୨୩



ପ୍ରେମ ଏକ ନଦୀ.....
ନଦୀରେ ଉଚ୍ଛୁଳା ପାଣି......
କେବେ କରେ ଶସ୍ୟ ଶ୍ୟାମଳା....
କେବେ ଶସ୍ୟକୁ ବୁଡ଼ାଇଦିଏ.......,
ଭସାଇଦିଏ ମଣିଷର
ଆଶା ଆଉ ସ୍ୱପ୍ନ ସବୁକୁ........ ।

ପ୍ରେମ ଏକ ମନ୍ଦିର
ଯେଉଁଠି ଜଳେ
ହସ ଆଉ ଲୁହର ଦୀପ........
ଜାଳନ୍ତି ପ୍ରେମିକ ପ୍ରେମିକା,
ମିଳନ ଓ ବିରହ ବେଦର ମନ୍ତ୍ର
ଦେଉଳରୁ ଭାସିଆସେ ନିତି.....
ପୂଜାର ଫଳ..... କେବଳ -
କିଛି ସ୍ମୃତି....... କିଛି ଅନୁଭୂତି...... ।


ପ୍ରେମ ଏକ ଜ୍ୱଳନ୍ତ ଆଗ୍ନେୟଗିରି
ଯେଉଁଥିରୁ ଉଦ୍ଗୀରଣ ହୁଏ
ଯୌବନର ଲାଭା.......
ଜ୍ୱାଳାମୁଖୀ ମୁଖଗହ୍ୱରରେ
ଜଳୁଥାଏ ଦୁଃଖ ଆଉ ଯନ୍ତ୍ରଣାର ନିଆଁ.......
ଅସମୟେ ନିର୍ବୋଧ ପତଙ୍ଗ କିଛି
ସେ ନିଆଁରେ ଜଳିଯାନ୍ତି ଯାହା...... ।

ପ୍ରେମ ବି ସାଜେ ମରୀଚିକା
ଦେଖାଦିଏ ଜୀବନ ମରୁରେ.....
ଯେଉଁଆଡ଼େ ଚାହଁ ଖାଲି
ବାଲି......ଆଉ....... ବାଲି........,

ବିଚରା ବାଟୋଇ........
ତା' ମାୟାଜାଲରେ ପଡ଼ି
ଛଟପଟ ହେଉଥାଏ ଖାଲି
ପାଦ ତା' ର ତାତିଯାଏ,
କଣ୍ଠ ଶୁଖିଶୁଖିଯାଏ
ତା' ପଛରେ ଚାଲି....... ।

ତଥାପି ...........
ପ୍ରେମ ଦିଏ ବଂଚିବାର ଆଶା.......
ମନରେ ଭରିଦିଏ
ପ୍ରଜାପତିର ଚପଳତା......
ଦେହରେ ଆଣେ ଜହ୍ନର ଶୀତଳତା.......
ହୃଦୟକୁ ଦିଏ ସାଗରର ଗଭୀରତା......,
ପ୍ରେମ.......ଜୀବନକୁ ରଙ୍ଗାଇଦିଏ
ଇନ୍ଦ୍ରଧନୁର ସାତରଙ୍ଗରେ, ଯଦି ବା........
ପ୍ରେମର ପଥ.......କଣ୍ଟକିତ......ବନ୍ଧୁର ।

ସବୁ ପରେ ପ୍ରେମ..........
ଜୀବନକୁ କରେ ମଧୁମୟ.........
ସେ ପାପ କଥା କହେ ନାହିଁ.......
ବରଂ......କହେ ପୁଣ୍ୟର ପରିଭାଷା
ଶାଶ୍ୱତ ପ୍ରେମ କରେ
ସଂସାରକୁ ପ୍ରେମମୟ.......
ମନରେ ଆଣେ ଶାନ୍ତି......ପରମ ଶାନ୍ତି...... ।



ଆମ କବିତା


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ପ୍ରଣୟର ମିଠା ମହକ | ବାବାଜୀ ଚରଣ ଜେନା | ୭ |
| ୨. | କଥାଥିଲା | ଲିପିରେଖା ଶତପଥି | ୮ |
| ୩. | ତୁମେ ଆସିବ ବୋଲି | ସବିତା ଶତପଥୀ | ୯ |
| ୪. | ପ୍ରେମିକା | ପ୍ରଜ୍ଞା ମହାନ୍ତି | ୧୦ |
| ୫ | କାରୁବାକୀ | ପୂର୍ଣ୍ଣ ଦାସ | ୧୧ |
| ୬. | ପ୍ରଥମ ଋତୁର ରଙ୍ଗ... | ସୁକାନ୍ତି ମିଶ୍ର | ୧୨ |
| ୭. | ଅବସୋସର ଇସ୍ତାହାର | ସୁରଞ୍ଜନ ପାତ୍ର | ୧୩ |
| ୮. | ଜହ୍ନ ରାତିରେ ଜୀବନ ଖୋଜିବା | ସତ୍ୟବାଦୀ ରାଉତ | ୧୪ |
| ୯. | ରତି ଦଣ୍ଡ | ହରିବନ୍ଧୁ ମଙ୍ଗରାଜ | ୧୫ |
| ୧୦. | ପ୍ରେମର ସନ୍ଧାନ | ରମେଶ ମଙ୍ଗରାଜ | ୧୬ |
| ୧୧. | ପ୍ରେମ | ଜିତେନ୍ଦ୍ର କୁମାର ନାୟକ | ୧୭ |
| ୧୨. | କାହ୍ନୁ ସାଥେ ପ୍ରେମ | ଆନନ୍ଦ ଚନ୍ଦ୍ର ଦାଶ | ୧୮ |
| ୧୩. | ହୃଦୟ ହାରିଛି...ସବୁ ମୁଁ ପାଇଛି | ଦିବାକର ନାୟକ | ୧୯ |
| ୧୪. | ପ୍ରେମ | ପ୍ରମୋଦ କୁମାର ମହାପାତ୍ର | ୨୦ |
| ୧୫. | ପ୍ରେମରେ ମୌସୁମୀ | ବାସନ୍ତୀ ଦାସ | ୨୧ |
| ୧୬. | ପ୍ରେମ... | ଅଞ୍ଜଳି ଦାସ | ୨୨ |
| ୧୭. | ପ୍ରିୟା ପାଇଁ ପ୍ରେମ | ଜୟନ୍ତୀ ସ୍ୱାଇଁ | ୨୩ |
| ୧୮. | ପ୍ରେମ ଦରବ | ଜୟଶ୍ରୀ ପଟ୍ଟନାୟକ | ୨୪ |
| ୧୯. | ପ୍ରେମ ଲାଗେ ଭଲ | ତାରାପ୍ରସାଦ ଜେନା | ୨୫ |
| ୨୦. | ତୁମ ବିନା | ଶକ୍ତି ଦାସ | ୨୬ |
| ୨୧. | ପ୍ରେମ | ସବିତା ମହାପାତ୍ର | ୨୭ |
| ୨୨. | ଚାହାଁ ଚାହାଁରେ | ପ୍ରଶାନ୍ତ କୁମାର ସାହୁ | ୨୮ |
| ୨୩. | କେବେ ତୁମ ପ୍ରେମ | ରତ୍ନପ୍ରଭା ବାଇ | ୨୯ |
| ୨୪. | ପ୍ରେମ | ଅଜୟ କୁମାର ସେଠୀ | ୩୦ |
| ୨୫. | ପ୍ରେମ | ନରୋତ୍ତମ ବେହେରା | ୩୧ |
| ୨୬. | ତୁମେ | ଅଖିଳେଶ ମହାପାତ୍ର | ୩୨ |
| ୨୭. | ସ୍ମୃତିର ଶେଫାଳି | ରବିନାରାୟଣ ମଙ୍ଗରାଜ | ୩୩ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୮. | ପ୍ରେମ ଏକପଦୀ | ରଜତ କୁମାର ଷଡ଼ଙ୍ଗୀ | ୩୪ |
| ୨୯. | ସପନ ବଣିକ | ପ୍ରସନ୍ନ ମଣ୍ଡଳ | ୩୫ |
| ୩୦. | ପ୍ରେମ ଥିଲା ଝରିବାକୁ | ସତ୍ୟନାରାୟଣ ମଲ୍ଲିକ | ୩୬ |
| ୩୧. | ଋତୁକନ୍ୟା | ରୀନାରାଣୀ ମହାନ୍ତି | ୩୭ |
| ୩୨. | ଛଳନା ଦ୍ୱୀପର ଲଳନା | ବିଭୁପ୍ରସାଦ ମହାପାତ୍ର | ୩୮ |
| ୩୩. | ପ୍ରେମ | ହାସ୍ୟମୟୀ ରାଜ୍ | ୩୯ |
| ୩୪. | ମୁଁ ଆଉ ତୁମେ | ଆରାଧନା ଦାଶ | ୪୦ |
| ୩୫. | ପ୍ରେମ | ନିରଞ୍ଜନ ସାହୁ | ୪୧ |
| ୩୬. | ଅତୀତ | ଶୁଭଶ୍ରୀ ରାଉତ | ୪୨ |
| ୩୭. | ପ୍ରେମ | ଲକ୍ଷ୍ମୀପ୍ରିୟା ମହାରଣା | ୪୩ |
| ୩୮. | ମୋ' ପ୍ରିୟା | ଅମୀୟ କୁମାର ସାହୁ | ୪୪ |
| ୩୯. | ତୁମେ ମୋ ଅଳକାନନ୍ଦା | ଗୋପାଳ ଚନ୍ଦ୍ର ମିଶ୍ର | ୪୫ |
| ୪୦. | ପ୍ରେମ | ସଂଯୁକ୍ତା ମହାପାତ୍ର | ୪୬ |
| ୪୧. | ସୁନ୍ଦର ସପନ | ବୈଶାଳୀ ସାହୁ | ୪୭ |
| ୪୨. | ସମର୍ପଣ | ନିରୁପମା ପାଣି | ୪୮ |
| ୪୩. | ଆ...ଆମେ ଦୁହେଁ... | ତପନ ଦୀକ୍ଷିତ (ବେଳାଭୂମି) | ୪୯ |
| ୪୪. | ଦିବ୍ୟ ପ୍ରେମ | ରଶ୍ମିତା ନାୟକ | ୫୦ |
| ୪୫. | ଶାଶ୍ୱତ ପ୍ରେମ | ବାସନ୍ତୀ ଦେଈ | ୫୧ |
| ୪୬. | ପ୍ରେମର ଚାନ୍ଦ୍ରାୟନ | ପୁଷ୍ପାଞ୍ଜଳି ପଣ୍ଡା | ୫୨ |
| ୪୭. | ବିଡମ୍ବନା | ସ୍ୱର୍ଣ୍ଣଲତା ଦାଶ | ୫୩ |
| ୪୮. | ମୋ' ପ୍ରେମ... | ସୁନୀଲ ନାୟକ | ୫୪ |
| ୪୯. | ଛୁଇଁଲା କି ମତେ ପ୍ରେମ | ସୁହଂସ ଭୋଇ | ୫୫ |
| ୫୦. | ପ୍ରେମର ପରିଭାଷା | ସୌଦାମିନୀ  ସାହୁ | ୫୬ |
| ୫୧. | ପ୍ରେମ ମନ୍ଦିର | ଆଶୁତୋଷ ମେହେର | ୫୭ |
| ୫୨. | ମନେଅଛି ପ୍ରିୟା ମୋର | ରମେଶ ଚନ୍ଦ୍ର ମିଶ୍ର | ୫୮ |
| ୫୩. | ବୁଝେନା ସେ ଏଇ ମନ | ସୁମିତା ବେହେରା ବାପି | ୫୯ |
| ୫୪. | ପରିକଳ୍ପନା | ଶୈଳେନ୍ଦ୍ର ନାରାୟଣ ବେହେରା | ୬୦ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୫୫. | ପ୍ରେମ | ଗାୟତ୍ରୀ ବେହୁରା | ୬୧ |
| ୫୬. | ତୁମ ପ୍ରେମର ଛୁଆଁ | ଡା: ବିଧୂତ୍ ଶେଖର ମିଶ୍ର | ୬୨ |
| ୫୭. | ପ୍ରେମ | ରମାକାନ୍ତ ଦାସ | ୬୩ |
| ୫୮. | କେମିତି ଅଛ ମଧୁମିତା | ସନ୍ନ୍ୟାସୀ ନାୟକ | ୬୪ |
| ୫୯. | ପ୍ରେମ | ସନ୍ତୋଷିନୀ ଦାଶ | ୬୫ |
| ୬୦. | ପ୍ରେମ | ବିଶ୍ୱନାଥ କର | ୬୬ |
| ୬୧. | ପ୍ରେମ | କଳ୍ପନା ମିଶ୍ର | ୬୭ |
| ୬୨. | ପ୍ରେମର ରୂପ | ଜ୍ୟୋତିପ୍ରଭା ପଟ୍ଟନାୟକ | ୬୮ |
| ୬୩. | ପ୍ରେମ | ଡକ୍ଟର ଚପଳା ପଣ୍ଡା | ୬୯ |
| ୬୪.. | ପ୍ରେମ ଦିବସ | ବନ୍ଦନା ମହାପାତ୍ର | ୭୦ |
| ୬୫. | ପ୍ରିୟତମା | ମାନଗୋବିନ୍ଦ ବାରିକ୍ | ୭୧ |
| ୬୬. | ଏଇ ବୋଧେ ପ୍ରେମ | ଆରତି ମଞ୍ଜରୀ ଦାଶ | ୭୨ |
| ୬୭. | ପ୍ରେମ ଅଢ଼େଇ ଅକ୍ଷର | ସଂଯୁକ୍ତା ଚମ୍ପତିରାୟ | ୭୩ |
| ୬୮. | ପ୍ରେମ | ସତ୍ୟରଞ୍ଜନ ସ୍ୱାଇଁ | ୭୪ |
| ୬୯. | ପ୍ରେମ | ନଳିନୀପ୍ରଭା ମିଶ୍ର | ୭୫ |
| ୭୦. | ପ୍ରେମ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୭୬ |
| ୭୧. | ପ୍ରେମ | କୈଳାସ ଚ଼ନ୍ଦ୍ର ପାଢ଼ୀ | ୭୭ |
| ୭୨. | ପ୍ରେମ | ସୀମା ମେହେର | ୭୮ |
| ୭୩. | ପ୍ରେମ | ଆରତୀ ପ୍ରହରାଜ | ୭୯ |
| ୭୪. | ପ୍ରେମ | ପଦ୍ମଲୋଚନ ସାହୁ | ୮୦ |
| ୭୫. | ପ୍ରେମାଳାପ | ସୁରେଶ ଚନ୍ଦ୍ର ରଥ | ୮୧ |
| ୭୬. | ପ୍ରେମ ପାଇଁ ଦୁଇ ପଦ | ତ୍ରିଲୋଚନ ଦାସ | ୮୨ |
| ୭୭. | ଭଲ ପାଇବା | ଯମେଶ୍ୱର କହଲସିଂହ | ୮୩ |
| ୭୮. | ପ୍ରେମ | ନିଶିକାନ୍ତ କହଲସିଂହ | ୮୪ |



# ପ୍ରଣୟର ମିଠା ମହକ

**ବାବାଜୀ ଚରଣ ଜେନା**

ତମ ପ୍ରଣୟର ମିଠା ମହକରେ
ମୋ' ସହର ଭିଜିଗଲା
କାଠଯୋଡ଼ି ଆଉ ମହାନଦୀ ଜଳେ
ନିଆଁ ସତେ ଲାଗିଗଲା
ତମ ପ୍ରଣୟର....।୦।

ନଈ କୂଳିଆ ଏ ଶୀତଳ ପବନ
ଚହଲାଇ ଦେଲା ମନ
ତମ କବରୀର ସଜ ଫୁଲବାସ
ଭାଙ୍ଗି ଦେଲା ଅଭିମାନ
ସାରା ରାତି ବସି ଏ ଆଖିରୁ ମୋର
ନିଦ ସବୁ ଚୋରି କଲା
ମୋ' ସହର ଭିଜି ଗଲା....।୧।

ହରିଣୀ ଆଖିର ଚାହାଁଣୀ ତମର
ପ୍ରେମରଙ୍ଗ ବୋଳି ଦେଇ
ଆନମନା ମୋତେ କରିଦେଲା କେତେ
ନୀରବରେ ଛୁଇଁ ଛୁଇଁ
ବନହଂସୀ ତମ ଚାଲି ଦେଖି ସତେ
ଉଦାସତା ଲିଭି ଗଲା
ତମ ପ୍ରଣୟର,,,,।୨।

ଅହଲ୍ୟା ନିବାସ,
ପୋପରଡା, ନୂଆବଜାର, କଟକ

# କଥାଥିଲା

**ଲିପିରେଖା ଶତପଥି**



କଥାଥିଲା ମୁଁ ଫୁଲଗଛ ଲଗେଇବି
ତମେ ପ୍ରଜାପତି ହେଇଯିବ ସେଠି ଫୁଲ ଫୁଟିଲେ

ଜାଣିଛ,
ସେ ଫୁଲଗଛ ଡାଳରେ ଚଢ଼େଇ ଗୀତ ଗାଇବ
ତମେ ରାଜାପୁଅ ହବ
ଆଉ ମୁଁ ହେଇଯିବି ଲବଙ୍ଗ ଦ୍ୱୀପର ଗପ

ମୁଁ ଯେତେବେଳେ ଅନ୍ଧାର ଆକାଶ ହେଇଯିବି
ତମେ ସେଠି ଜହ୍ନ ହେଇ ସବୁଥର ଉଇଁଥିବ

ମାର୍ଗଶିର ଥାଉ କି ନଥାଉ ସବୁଥର ତମେ ଝୋଟି ଚିତା
ମୁରୁଜ ପରି ଜକଜକ ସେ ଗୀତ କି କବିତା

କଥାଥିଲା ତମେ ଖରାରେ ମୋ' ଅଂଶୁଘାତ ହେବନି
ଛାଇରେ ଛାଇ ହେଇଯିବ ଜମା ଲିଭିବନି

ପଲକରୁ ପଲକଟେ ଝଡ଼ିଗଲେ ଫୁଙ୍କିଦେଇ କହୁଥିଲ
ମେଘ ଆସିଲେ ଡରିବୁନି ବାଘ ଆସିଲେ ଡରିବୁନି

ଏବେ ଖରା ଆସେ ବାଘ ପରି
ମେଘ ଆସେ ବି ବାଘ ପରି

ଆସେନାହିଁ କିନ୍ତୁ ଆକାଶ କି ପ୍ରଜାପତି !

**ବାଲେଶ୍ୱର**

# ତୁମେ ଆସିବ ବୋଲି

**ସବିତା ଶତପଥୀ**



ପାହାନ୍ତି ପହର ପକ୍ଷୀର କାକଳି
କାନେ ଯେବେ ଗଲା ପଡ଼ି
ମୁଁ, ଝରକାକୁ ଖୋଲିଦେଲି
ତୁମେ ଆସିବ ବୋଲି।

ସକାଳ ସୁରୁଜ ଲାଲ୍ ଅରୁଣିମା
ମୋ' ମଥାରେ ଦେଲା ଢ଼ାଳି
ସୀମନ୍ତିନୀ ସାଜିଗଲି
ତୁମେ ଆସିବ ବୋଲି।

ବଗିଚାରେ ଯେତେ ଫୁଟିଥିଲା ଫୁଲ
ହାର ଗୁନ୍ଥିଦେଲା ମାଳି
ଗଭା ସଜାଇବି ବୋଲି
ତୁମେ ଆସିବ ବୋଲି।

ସ୍ୱପ୍ନ ଅଞ୍ଜନ ଆଖି ତଳେ ନାଇ
ମଗ୍ନ ମଧୁରେ ମନ ଗଲା ଗାଇ
ହୃଦୟ ବୀଣାରେ ସାତ ସୁର ଭରି ଦେଇ
ତୁମେ ଆସିବ ବୋଲି।

**ଭୁବନେଶ୍ୱର**

# ପ୍ରେମିକା

**ପ୍ରଜ୍ଞା ମହାନ୍ତି**



ହସରେ କିଣେ ସେ ଆଖିରେ ଜିଣେ
ନଶୁଣେ କାହାର ମନର ଶୁଣେ
ନଜାଣି କେଉଁ କଥା ସବୁ ବଖାଣେ
ବୁଝକି ନବୁଝ ଶୁନ୍ୟରେ ଲେଖେ ସେ
ଅକ୍ଷରଙ୍କୁ ନଖେ ମାଟିରେ ଟାଣେ।

ବେତାଏ କଥାରୁ ବତାଏ ଧାପେ
ପାଣିରେ ଗାରଟାଣି ଚାଖଣ୍ଡକେମାପେ
ଅଜପାମନ୍ତ୍ର କୁ କହିକି ଜପେ
ଲକ୍ଷେ ପୁଣ୍ୟକରି ପୁଣ୍ୟତମା ସେ
ତଥାପି ମନେଭାବେ ଅଛି'କି ପାପେ।

ବାଲିଘର ଗଢ଼ି ଗରଢ଼ା ରାନ୍ଧେ
ଦୁଃଖେ ହସିଦିଏ ଖୁସିରେ କାନ୍ଦେ
କଇଁ ହାତନେଇ ଜହ୍ନରେ ଛନ୍ଦେ
ତାରାଫୁଲ ତୋଳି ବେଣୀରେ ବାନ୍ଧେସେ
ବିଧାତାକୁ ନୁହେଁ କପାଳେ ନିନ୍ଦେ।

ସଂସାରେ ଥାଏ ସେ ପୁଣି ନଥାଏ
ସ୍ୱପ୍ନରେ ଆସି ସେ ସ୍ୱପ୍ନରେ ଯାଏ
ପ୍ରେମରେ ଭିଜାଇ ମନମନ୍ଦିରରେ
ପୋତିଦିଏ ପ୍ରେମ ବୀଜଟି ସିଏ
ଜାଣିଛ କିଏ ?
ହୃଦୟରେ ରହେ ପ୍ରେମିକାଟିଏ ।।

ମାତୃ ବିହାର,
ସମ୍ବଲପୁର



# କାରୁବାକୀ

ପୂର୍ଣ୍ଣ ଦାସ

ମୁଁ ଗୋ ରୁକ୍ଷଶିଳା, ତୁ ମୋ' ଚାରୁକଳା
ନିର୍ବାକ କାରୁବାକୀ,
ତୋ' ପାଦ ନୂପୁର ଭାଙ୍ଗେ ନିଦ ମୋ'ର
ତୁ ମୋ' ଆପଣାର ସଖୀ।

ପାଷାଣ ବୁକୁରେ ତୋ' ରୂପ ସଖୀରେ
ମଗ୍ନ ମଉନ କଳା,
ଛଟା ତୋ'ର ଦେଖି ମୋ'ର ଏଇ ଆଖି
ହୋଇଛି ପୀରତିବୋଳା।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର

# ପ୍ରଥମ ଋତୁର ରଙ୍ଗ...

**ସୁକାନ୍ତି ମିଶ୍ର**



ପ୍ରଥମ ଋତୁର ରଙ୍ଗ ବୋଳିଦିଏ
ଫୁଲ ପାଖୁଡାରେ ଫଗୁଣ ଆସି
ଛୁଇଁଛୁଇଁ ଯାଏ ପେନ୍ଥି ବଉଳକୁ
ହଳଦୀବସନ୍ତ ମୁରୁକି ହସି
କୋଇଲି ଗାଏ
କାହା ଅନୁରାଗେ ଆନମନା ଋତୁ
ମହୁ ସୁରେଇରେ ମୁହଁକୁ ଧୁଏ...!!

କାକର ମୋତିର ନାକଗୁଣା ନାଇ
ଆଖି ମଳିମଳି ପାହିଲେ ରାତି
କାଉ କୋଇଲିଙ୍କ ହାତ ସାଉଁଳାରେ
କଳା ମାଖି କାହିଁ କଜଳପାତି
ଲାଜେଇ ଯାଏ
ଫୁଲ ଚୁମୁଚୁମୁ ପରଜାପତିଟି
ସରାଗେ ତା'କାନେ କି କଥା କହେ..!!

କୁଆଁରୀ ମାଟିର ମୁହଁ ଚାହିଁ ମେଘ
ଭୁଲିଯାଏ କାହିଁ ଠିକଣା ତାର
କେଉଁ ଅଭିସାରେ ବିଭୋର ଏ ନଈ
ବାଟ ବଦଳାଇ ଥରକୁ ଥର
ଆବେଗେ ଧାଏଁ
ଛପିଛପି ଆସି ଅଶିଣ ଜହ୍ନଟି
ଜହ୍ନିଫୁଲ କାନେ କି କଥା କହେ...!!

"ସମ୍ପର୍କ"
ସାରସ୍ୱତ ନଗର, ସିଦ୍ଧମହାବୀର, ପୁରୀ

# ଅବସୋସର ଇସ୍ତାହାର



## ସୁରଞ୍ଜନ ପାତ୍ର

ସପନକୁ ନେଇ ଭାବିଥିଲି ହାୟେ
ଜିଇଁ ଯିବି କିଛିକାଳ
ସପନ ବି ଶେଷେ ଦଗା ଦେଲା ମୋତେ
ଖେଳି ଲୁଚକାଳି ଖେଳ।।

ଯେ ଡାଳ ଧରିଲି ସେ ଡାଳ ଲୋଟିଲା
ପାଏନା ଚେନାଏ ସୁଖ
ଉଜୁଡ଼ା ମନର ଦରଦୀ ବେଦନା
ସହିଯାଏ ସାଜି ମୂକ।

ବିନା ଅପରାଧେ ସଜାକୁ ଆବୋରି
ଢାଳେ ଆଜି ଲୁହଧାର
ସପନକୁ ନେଇ ଭାବିଥିଲି ହାୟେ
ଜିଇଁ ଯିବି କିଛି କାଳ।।

ଗୋଲାପ ବଗିଚା ଭାବି ଯେ ଋତୁକୁ
ଥୋଇଥିଲି ଦୁଇ ପାଦ
ଜାଣି ତ ନଥିଲି ସେଇ ଋତୁ ଥିଲା
ଜ୍ୱାଳାମୁଖୀ ଅପବାଦ।

ଅବହେଳିତ ମୋ' ଦିନ ସବୁ ଏଠି
ଦେଖେ ନିତି ଦୁଃଖକୂଳ
ସପନକୁ ନେଇ ଭାବିଥିଲି ହାୟେ
ଜିଇଁ ଯିବି କିଛି କାଳ।।

ସଂପାଦକ - ନୀହାରକନ୍ୟା ସାହିତ୍ୟ ସଂସଦ,
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର

# ଜହ୍ନ ରାତିରେ ଜୀବନ ଖୋଜିବା



**ସତ୍ୟବାଦୀ ରାଉତ**

ସରୁ ସାବେନି ମେଘୁଆ ଡୋଳା
ଯାଆଁଳା ବେଣୀ
ମୁରୁକି ହସରେ ଓଠ ତିଆରି
ଚାରୁ ଚାହାଣୀ...
ପୋରୁହାଁ ଭେଟର ଲଳିତ ପୁଲକ
ସାଇତିଛି ରୂପା ଫରୁଆରେ
ଅନୁଭବକୁ ଗଜରା କରି
ଖଞ୍ଜିଦେବି ତୁମ ଗଭାରେ
ତମେ ଏକ କ୍ଷୀଣ କଟି ନଇ
ଅଭୁଲା ପୁନେଇଁ
ଆଜି ସଂଜର ସଜ ଜହ୍ନ
ନିରୀହ ପଣତ ନୀଳକଇଁ
ତମ ଡୋଳାର ଅକାତ କାତ ଗଣ୍ଡରେ
ନିତି ବୁଡି ମରନ୍ତି ଅନେଶତ ଯୋଗୀ

ତମେ ମୋ'ର ଅଧା ଦେଖା ସପନ
ଅଧା ଶୁଣା ଗୀତ
ଅଧା କୁହା ଗପ / ଅଧା ଲେଖା ଚିଠି
ଅମ୍ଳାନ ସେବତୀ
ତମ ସହ ଦିଆନିଆ ମନ
ଦେଣନେଣ ହୃଦ
ବଣ୍ଟାବଣ୍ଟି ଲୁହ
ସାଉଁଟା ସାଉଁଟି କରି
ଯତନେ ଲେଖିଛି ସରମ
ଠୁଳ ତମ ଠଣର ଡୋଳାରେ
ଲାଜକୁଳୀ ବଣ...
ତମ ପାଇଁ ଭୁଲିଛି ମୁଁ
ଚାରିପାଖ ରତୁଙ୍କ ନାଁ
ଜୀବନର ଅତୀତ
ମୁଁ ତମେ ସ୍ଥିର କରିଥିଲେ
ଆମ ଭିତରେ ଆବେଗର ବେଗ ମାପିବା
ଜହ୍ନ ତାତିରେ ଜୀବନ ଖୋଜିବା

**ଢଂସର, ବାଙ୍କୀ,**
**କଟକ**

# ରତି ଦଣ୍ଡ

**ହରିବନ୍ଧୁ ମଙ୍ଗରାଜ**



ତୁମେ ଲୁଚିଗଲେ ମୁଁ ଖୋଜୁଥାଏ
ଘର କଣ ଅନ୍ଦିସନ୍ଧି
ନ ପାଇଲେ ମୁଁ ଖଣ୍ଡି ଖାସ ମାରେ
ପଛରୁ ଦିଅ ତ' ଛନ୍ଦି..............(୦)

ବାହୁ ଡୋରେ ବାନ୍ଧି ବନ୍ଦୀ କର ମୋତେ
ପ୍ରୀତି କାରାଗାରେ ରଖି
ରତି ଚାବୁକରେ ଛାଟ ମାରୁଥାଅ
ମୋତେ କରି ପ୍ରୀତି ରକ୍ଷୀ
ପ୍ରେମ ଅଦାଲତେ ବିଚାର କରିଣ
କର ମୋତେ ପ୍ରେମ ଦୋଷୀ........(୧)

କଲବଲ କର ଅନଙ୍ଗ ବାଣରେ
ଛଟ ପଟ କରି ଜାକି
ଖୋଲି ଦିଅ ତୁମ ଲାଜ ପସରାକୁ
କହି ରତି ଚୋର ଦାଗୀ
ଗଳାରେ ଲଗାଇ ପ୍ରେମ ଫାଶ ଡୋର
ଦିଅ ରତି ଦଣ୍ଡ ଫାଶି ............(୨)

ଭୁବନେଶ୍ୱର

# ପ୍ରେମର ସନ୍ଧାନ

**ରମେଶ ମଙ୍ଗରାଜ**



ଜୀବନଟା ସାରା ଏମିତି କଟିଲା
ପ୍ରେମର ସନ୍ଧାନ ପାଇଁ
ପ୍ରେମିକଟିଏ ମୁଁ ହେଇପାରିଲିନି
ଅଧା ବାଟେ ଗଲି ରହି..(0)

ନଈ ବହିଯାଏ ସାଗର ପାଇଁକି
କେହି କହେ ତାକୁ ପ୍ରେମ
ସାଗର ଓ ନଈ ଉଭୟେ କହନ୍ତି
ଏଇଟା ତାଙ୍କର ଧର୍ମ
ପ୍ରେମ କାଳେ ଅନ୍ଧ ବୁଝେନାହିଁ କିଛି
ଆପେ ଆପେ ଯାଏ ହୋଇ
ଜୀବନଟା ସାରା....

କବି ଭାବନାରେ ଜହ୍ନ ଓ କଇଁର
ପ୍ରେମ ସଦା ଅମଳିନ
ମଳୟ ବହିଲେ ଫଗୁଣ କୁଆଡେ
ଯୋଡ଼େ ମନ ସହ ମନ
ଶାଶ୍ୱତ ପ୍ରେମରେ ନରକ ଯନ୍ତ୍ରଣା
ସ୍ୱର୍ଗସୁଖ ପାରେ ଦେଇ
ଜୀବନଟା ସାରା....

**କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡା
ଖୋର୍ଦ୍ଧା**



# ପ୍ରେମ

## ଜିତେନ୍ଦ୍ର କୁମାର ନାୟକ

ସମସ୍ତେ କରନ୍ତି ଏଠି ପ୍ରେମ
ପୁରୁଷ ଓ ନାରୀ, ନଦୀ ଓ ସାଗର
ପୁଷ୍ପ ଓ ଭ୍ରମର, ମୁଁ ଓ ତୁମେ
ପ୍ରେମିକ କୁହନ୍ତି ପ୍ରେମିକାଙ୍କ କାନେ
ଯଦିଓ ପ୍ରେମ କର
ରଖ ଏହାର ମାନ
ଆଜିକାଲିର ପ୍ରେମ
ମାତ୍ର ଅଢ଼େଇ ଦିନର
ଚାହୁଁ ଚାହୁଁ ଦିନ ଯାଏ
ଶେଷେ କିଛି ରହିଯାଏ  ଚିହ୍ନ..
ଏମିତି ପ୍ରେମ କରନାହିଁ ବନ୍ଧୁ
ପ୍ରମାଦ ଗଣିବଟି ଜାଣ
ତୁମ ପ୍ରେମେ ନ ଆସୁ ବିଚ୍ଛେଦ
ରଖ ସଦା ଯାକୁ ଉଜ୍ଜୀବିତ

ସାକ୍ଷୀଗୋପାଳ, ପୁରୀ

# କାହ୍ନୁ ସାଥେ ପ୍ରେମ

**ଆନନ୍ଦ ଚନ୍ଦ୍ର ଦାଶ**



ଝୁଲଣ ଦୋଳିରେ ଝୁଲଣ ଦୋଳି
ଝୁଲୋଉଥା କାହ୍ନୁକୁ ତୋ' ମନ ଢାଳି
ତୋ' ପ୍ରୀତି ଡୋରିରେ, ମୋ' ଆଶା କୁସୁମ
ମାଳା ଗୁନ୍ଥିଦେବି ଭଳିକି ଭଳି।
ଆସୁଛି ଯାଉଛି କେତେ ସଂସାର ଶ୍ରାବଣ
ହାନିଲାଭ ସୁଖଦୁଃଖ ମେଘ ଘନଘନ
ତଥାପି ତୋ' ମନେ ନାହିଁ ବିଷୟ ବାସନା
କଳାକାହ୍ନୁ ପ୍ରେମେ କେବେ ନୋହୁ ଆନମନା
ଚମକି ଚମକି ଚପଳା ରାଣୀକି
ବିତରୁଛୁ ନବ ସୁଷମାଶାଳୀ।
ଭସା ବାଦଲର ତଳେ ଉଙ୍କିମାରେ ଚାନ୍ଦ
ନହୁଲି ରାଧିକା ପ୍ରେମେ ବିଭୋର ଗୋବିନ୍ଦ
ହଲିହଲି ଝୁଲିଝୁଲି ଗାଏ କୃଷ୍ଣ ଗୀତି
ହରିଗୁଣ କଥନରେ ଅପସରେ ଭିତ୍ତି
ପରମ ପ୍ରେମରେ ପଡିଛି ଯେ ଥରେ
ସକଳ କଲୁଷ ଯାଏ ଟି ଜଳି।
ନୀଳ ନବଘନ ନୀଳ ଅପଘନ ଛବି
ଦେଖିଦେଖି ଯାଉ ଜୀବ ଅବା ଭାବିଭାବି
ସେ ଶ୍ୟାମ ଶ୍ରୀମୁଖ କାମ ମନୋହର ବେଶ
ଧାୟୀ ଦ୍ଵିଜାନନ୍ଦ ଗାଏ କୃଷ୍ଣ ପ୍ରେମ ରସ
ଆ ଆ ମୋ' କାହ୍ନୁରେ ଜୀବନ ଧନ
ଆ ଆ ମୋ' କାହ୍ନୁରେ ଜୀବନ ଧନରେ
ଭୁଞ୍ଜେଇବି ସର ଲବଣିପୁଳି।

**ଅର୍ପିତା ସାହିତ୍ୟ ସଂସଦ,**
**ଇନ୍ଦିପଙ୍ଗା, ଗଣିଆ, ନୟାଗଡ଼**

# ହୃଦୟ ହାରିଛି...ସବୁ ମୁଁ ପାଇଛି

ଦିବାକର ନାୟକ



ଏ ଆକାଶ ମୋର ଏ ପୃଥିବୀ ମୋର
ପାରିବି ସିନା ମୁଁ କହି
ନିଜ ଦେହେ ମନ ନିଜର ବୋଲି ମୁଁ
ଆଜି କହି ପାରୁନାହିଁ (୦)

ଭାବିନେଲି ଯେବେ ଶାହାଜାହାନ ମୁଁ
ମୋଗଲର ବାଦଶାହା
ମମତାଜ ପାଶେ ହୃଦୟ ଦେଇ ମୁଁ
ନିଜକୁ ହାରିଛି ଯାହା

ଏ ବଗିଚା ମୋର ତରୁଲତା ମୋର
ପାରିବି ସିନା ମୁଁ କହି
ଅଳିର ହୃଦୟ ନେଇନାହିଁ କେହି
କେମିତି ପାରିବି କହି (୧)

ମହାଭାରତରେ  କୃଷ୍ଣ ଯା ଚାହିଁଲେ
ସଭିଏଁ ତ ଜିତିଗଲେ
ହେଲେ ରାଧିକାର ପ୍ରେମରେ ହାରି ସେ
ପାଦ ପରା ଧରିଥିଲେ

ସବୁ କିଛି ମୋର କହି ହେବ ସିନା
ହୃଦୟକୁ ଛାଡ଼ିଦେଇ
ମୁଁ ସେଇପରି ହୃଦୟ ମୋ ହାରି
ଭାବେ ସବୁ ଗଲି ପାଇ (୨)

ପାଟପୁର, କନିସି
ଗୋଳନ୍ଥ୍ରା, ଗଞ୍ଜାମ



# ପ୍ରେମ

## ପ୍ରମୋଦ କୁମାର ମହାପାତ୍ର

ପ୍ରେମ ବୁଣେ ବରଫ ପାହାଡ଼େ ନିଆଁ
ପ୍ରେମ ଆଣେ ମଲାନଈ ଦେହେ ବନ୍ୟା
ବହୁରୂପା ସେ ଅନନ୍ୟା,
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ 'ତଟ-ନୀରଞ୍ଜନା'!

ପ୍ରେମ ସେ ଯେ ଶବରୀ ଅଇଁଠା କୋଳି
ପ୍ରେମ ସେ ଯେ ଗୋପବାଳା ରଙ୍ଗହୋଲି
ସେ ପୁଣି କେବେ ଛଳନା,
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ ସଦା ଅମାନିଆ!

ପ୍ରେମ କେବେ ଶୀତ କାକରର ଲୁହ
ପ୍ରେମ କେବେ ବ୍ୟାକୁଳ ବସନ୍ତ କୋହ
କେବେ ମଧୁର ଯନ୍ତ୍ରଣା,
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ ସଦା ବାଟବଣା!

ପ୍ରେମ ହାଏ ଖଟା-ମିଠା କରମଙ୍ଗା
ପ୍ରେମ ସିଏ ସବୁଠୁ ଚିଜ ମହଙ୍ଗା
ଏ କଥା କି କେବେ ଜଣା,
ଯେତିକି ଦେଖିଛି,ଯେତିକି ବୁଝିଛି,
ପ୍ରେମ ଦୁଇମନ ବୁଝାମଣା!

ପ୍ରେମ ଖେଳେ ଶିଶୁର ଦରୋଟି ହସେ
ପ୍ରେମ ବୋଲେ ମହମହ ମଲ୍ଲୀ ବାସେ
ବାଣ୍ଟିଲେ କି ହୁଏ ଊଣା,
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ ହି ଜଗତଜିଣା!

ଭୁବନେଶ୍ୱର

# ପ୍ରେମରେ ମୌସୁମୀ

**ବାସନ୍ତୀ ଦାସ**



ଭାବିଥିଲି ଯେବେ ମୌସୁମୀ ଆସିବ
ତମ ସହ ଦେଖାହେବି
ନିଦାଘ ଡରାଏ ସପତଣୀ ଭଳି
କେମିତି ବା କଥା ହେବି
ଭାବେ ସତ କହିଦେବି
ମୌସୁମୀ ନୁହେଁ ବର୍ଷାପାଇଁ ଦିନେ
ବୋଧେ ମୁଁ ପାଗଳ ହେବି !

ରୁଣ୍ଣୁଝୁଣ୍ଣୁ ତାର ପାଦର ପାଉଁଜି
ମନରେ ଜଳାଏ ନିଆଁ
ସହର ବଜାର ଗାଁ ପଲ୍ଲୀ ସବୁ
ପାଇଥାନ୍ତି ତାର ଛୁଆଁ
ଏତେ ଭାବ ଦିଆନିଆ
ସବୁଜ ସଂଜରେ ସଜାଇ ରୂପସୀ
ଦୂର ରୁ କରେ କିମିଆ ।

ସଂଜର ସୁନ୍ଦରୀ ସେଫାଳି କାମିନୀ
ମାଳତୀ ହୁଅନ୍ତି ସଜ
ମୃଦୁ ବାସନାରେ ଚଉଦିଗ ଭରେ
କି ହେବ କେଜାଣି ଆଜ
ପ୍ରେମବି ଏମିତି ଚିଜ
ବସନ୍ତ ବୈଷାଖ ବରଷା ଶୀତରେ
ବୁଣିଦିଏ ପ୍ରେମ ବୀଜ ।

ଭଲହେଲା ଏବେ ହାବୁକା ହାବୁକା
ପବନ ଥରାଏ ଦେହ
ଭେଳାଭେଳା ଭାସେ ବାଦଲ ଆକାଶେ
ରଙ୍ଗହୀନ କରି ମୁହଁ
କହିବି କେମିତି କୁହ
ଭଲପାଇବାର ଦୁର୍ବାର ଲାଳସା
ଆଖିରେ ଦେଲାଣି ଲୁହ ।

ସମ୍ପାଦିକା - ଶିଳାଶ୍ରୀ,
ଭୁବନେଶ୍ୱର



# ପ୍ରେମ...

**ଅଞ୍ଜଳି ଦାସ**

ପ୍ରେମ !!!
ଏମିତି ଗୋଟେ ଶବ୍ଦଟେ
ଯାହାକୁ ବୁଝି ହୁଏନା
କି ବୁଝାଇ ହୁଏନା
କିନ୍ତୁ ସେ ଦେଇଥାଏ
କଷ୍ଟର ନିର୍ମମ ଆଘାତ
ପୁଣି କେବେ ଦେଇଥାଏ

ପ୍ରେମ ଏମିତି ଏକ ଶବ୍ଦଟେ
କେବେ ବୈଶାଖର ଝାଂଜି
କେବେ ପୁଣି ଶୀତ ସକାଳର
କୋମଳ ତାତି
କେବେ ପୁଣି ଫୁଲ ଫଗୁଣର ସ୍ମୃତି
କେବେ ଜହ୍ନ ଆଉ ପ୍ରଜାପତିର ଗୀତି
ପ୍ରେମ ଏକ ଅବୁଝା ଗଣିତଟେ
ଯାହା କେବେ କଷି ହୁଏନା
କି କେଉଁ ମାପକାଠିରେ ମାପି ହୁଏନା
ପ୍ରେମ ଶାଶ୍ୱତ ଚିରନ୍ତନ
ପ୍ରେମ ପବିତ୍ର ଅମଳିନ
ପ୍ରେମ ଏମିତି ଏକ ସମ୍ପର୍କ
ଯାହାର ନ ଥାଏ କିଛି କଳଙ୍କ

**ଅସ୍ତରଙ୍ଗ, ପୁରୀ**

# ପ୍ରିୟା ପାଇଁ ପ୍ରେମ

**ଜୟନ୍ତୀ ସ୍ୱାଇଁ**



ଚାନ୍ଦିନୀ ରାତିରେ ଚାନ୍ଦକୁ ଦେଖିଲେ
ପ୍ରିୟା ମୁହଁ ଯାଏ ଦିଶି
ଲାଜବତୀ ପ୍ରିୟା, ମୋତେ ଦେଖି କିଆଁ
ଦିଏ ସେ ମୁରୁକି ହସି.... ||

ଅନ୍ଧାର ରାତିରେ ଆକାଶ ଛାତିରେ
ଦେଖି ଅଗଣିତ ତାରା...
ସତେ କି ମୋ' ପ୍ରିୟା, ଲୁଚିଛି ତା' ମଧ୍ୟେ
ଖେଳେ ଲୁଚକାଳି ପରା... ||

ବୈଶାଖ ତେଜରେ ଚିକିମିକି କରେ
ପ୍ରିୟାର ସୁନେଲୀ ମୁହଁ
ସତେ କି ଝରୁଛି ମୁକୁତା କିରଣ-
ଦେଇ ତା' ସୁନ୍ଦର ଦେହ... ||

ଧାରା ଶ୍ରାବଣରେ ଧରିତ୍ରୀ ବୁକୁରେ
ସତେ ତା' ଲୋତକ ଝରେ....
ବରଷି ଯାଏ ତା' ହସଲୁହ ସବୁ
ସତେ କି ମୋ' ବକ୍ଷ ପରେ... ||

ଶରତ ଆସିଲେ ମରତ ଧାମକୁ
କାଶତଣ୍ଡୀ ଫୁଲ ହସେ....
ମୋ' ପ୍ରିୟା ଦେହର ଅପୂର୍ବ ମହକ
ସତେ କିବା ଭାସି ଆସେ... ||

ଶୀତ ଆଗମନେ ଆସଇ ଗୋପନେ
ପ୍ରୀତିର ଚାଦର ଢାଙ୍କି
ତା' କୋମଳ ସ୍ପର୍ଶ କରେ ଉଲ୍ଲସିତ
ପ୍ରିୟା ମୋର ନିରିମାଖି... ||

ନବ ବସନ୍ତରେ କୋଇଲିର ସ୍ୱରେ
ଭାସିଆସେ ପ୍ରିୟା ସ୍ୱର...
ମଳୟ ବହିଲେ,ମନ ମୋ' ଚହଲେ
ଅନୁଭବେ ସ୍ପର୍ଶ ତା'ର... ||

ଶୟନେ, ସପନେ ଅବା ଜାଗରଣେ
ଝୁରେ ତାକୁ ଦିନରାତି...
ଋତୁ ପରେ ଆସି ଋତୁ ଫେରିଯାଏ
ହେଲେ ସରେନାହି ପ୍ରୀତି....||

**ବରାଙ୍ଗ, ଅସ୍ତରଙ୍ଗ, ପୁରୀ**



# ପ୍ରେମ ଦରବ

**ଜୟଶ୍ରୀ ପଟ୍ଟନାୟକ**

ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ
ଯିଏ ବୁଝିଛିରେ ତା' ମୂଲ ଜୀବନେ
ପାଇନାହିଁ କେବେ ଦୁଃଖ ।୦

ପ୍ରେମର ହିସାବ ପ୍ରେମୀଟିଏ ଜାଣେ
କେତେ ପାଏ କେତେ ନାହିଁ
ସତ ପ୍ରେମ ପଥେ ବାଧା ଯେତେ ଆସୁ
ପ୍ରେମ କେବେ ହାରେ ନାହିଁ
ଚୋରା ପୀରତିରେ ଥାଏ ତ ଛଳନା
ଦିଏ ବେଦନା ଅଧିକ
ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ ।୧

ରାଧା କରିଥିଲା ପ୍ରେମ ମୋହନକୁ
ମୀରା ବି ତ କରିଥିଲା
କାହା ଭାଗରେ ତ ନଥିଲା କହ୍ନେଇ
ରୁକ୍ମିଣୀର ଥିଲା ଅଧିକ
ସମର୍ପଣ ଭାବ ରହିଲେ ପ୍ରେମରେ
କେବେ ଦିଏନାହିଁ ଦୁଃଖ
ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ ।୨

ଶରୀର ଚିନ୍ତା କରଇ ଯେ ନର
ପ୍ରେମ ତ ତାଲାଗି ବସ୍ତୁ
ବୈଶାଖୀ ଝାଞ୍ଜି ଆଣଇ ଜୀବନେ
ଆସେନି ଫଗୁଣ ଋତୁ
ଦୁଃଖ ବିରହରେ ନିତି ସ୍ନାନ କରି
ହରାଏ ପ୍ରେମ ମହକ
ପ୍ରେମ ଏମିତିକା ଦରବଟେ ବନ୍ଧୁ
ଦୁଃଖ ଦିଏ ପୁଣି ସୁଖ ।୩

**ଗଙ୍ଗନଗର ଛକ,**
**ଭୁବନେଶ୍ୱର**

# ପ୍ରେମ ଲାଗେ ଭଲ

ତାରାପ୍ରସାଦ ଜେନା



ପ୍ରେମ ଲାଗେ ଭଲ ତୋଫା ଶରତର ଜହ୍ନଭରା ରାତି
ପ୍ରେମ ଲାଗେ ଭଲ ଶୀତ ଉହ୍ମେଇର ଗପସପ ତାତି ।
ପ୍ରେମ ଲାଗେ ଭଲ ମୃଦୁ ମଧୁମାସ ମଳୟର ଛୁଆଁ
ପ୍ରେମ ଲାଗେ ଭଲ ସାଧୁ ସରଳତା ମଣିଷର ଗାଆଁ ।

ପ୍ରେମ ଲାଗେ ଭଲ ମିଠା ସ୍ବପନର ତନ୍ଦ୍ରାଳସ ଆଖି
ପ୍ରେମ ଲାଗେ ଭଲ ଖୋଲା ବିଶ୍ବାସର ଅନୁରକ୍ତା ସଖୀ ।
ପ୍ରେମ ଲାଗେ ଭଲ ଜନ୍ମ ଜନ୍ମାନ୍ତର ନିଷ୍କପଟ ଛବି
ପ୍ରେମ ଲାଗେ ଭଲ ଉଚ୍ଚ କଳ୍ପନାର ମତୁଆଲା କବି ।

ପ୍ରେମ ଲାଗେ ଭଲ କେବେ ଅଭିସାର ଅଭିହିତ ମନ
ପ୍ରେମ ଲାଗେ ଭଲ ଦୃଶ୍ୟ ଅଭିନୟ ନିରସିତ ମାନ ।
ପ୍ରେମ ଲାଗେ ଭଲ ଲୁହ ଛଳ ଛଳ ଅନ୍ତରର ଭାଷା
ପ୍ରେମ ଲାଗେ ଭଲ ଆଶା ଆଶଙ୍କାର ସ୍ମୃତିଭିଜା ଆଶା ।

ପ୍ରେମ ଲାଗେ ଭଲ ନାମ ରାଧାକୃଷ୍ଣ ସର୍ବମାନ୍ୟ ଖ୍ୟାତି
ପ୍ରେମ ଲାଗେ ଭଲ ରାସ ଯଉବନ ଜୀବନର ସ୍ତୁତି ।

ରଣପୁର (ଗୋଡ଼ିପାଟଣା ସାହି),
ରାଜ ରଣପୁର,
ନୟାଗଡ଼



# ତୁମ ବିନା

**ଶକ୍ତି ଦାସ**

ନୀରବ ନୀରବ ପ୍ରେମର ପରବ
ତୁମ ବିନା ତୁମ ବିନା...
ନୀରସ ଜୀବନ ଉଦାସ ଏ ମନ
ତୁମ ବିନା ତୁମ ବିନା...
ଦିନ ଶୂନଶାନ ରାତି ନିରିଜନ
ତୁମ ବିନା ତୁମ ବିନା...
ସପନ ମୋ' ଶାନ୍ତ ଦେଖ କେତେ କ୍ଳାନ୍ତ
ତୁମ ବିନା ତୁମ ବିନା...
ଜିଇଁବାକୁ ହେବ ମରିବାକୁ ହେବ
ତୁମ ବିନା ତୁମ ବିନା...
ବଳକା ଜୀବନ ସାରିବାକୁ ହେବ
ତୁମ ବିନା ତୁମ ବିନା...

ବ୍ରାହ୍ମଣ ଝରିଲୋ,
କଟକ



# ପ୍ରେମ

**ସବିତା ମହାପାତ୍ର**

ବସୁଧା ପରି ଦିଗନ୍ତ ପ୍ରଶସ୍ତ
ଆକାଶ ପରି ଅନନ୍ତ ବିସ୍ତୃତ
ସାଗରର ଗଭୀର ପରି ଅସୀମ, ଅବ୍ୟକ୍ତ,
ଶୈଶବର ଅଭୁଲା ସ୍ମୃତି
ଯୌବନର ମହକିତ ଫଗୁଣ
ନିଷ୍ପାପ ହୃଦୟର ବିଳାପ
ଅନ୍ତରରେ ଜଳୁଥିବା କୋହ
ଜୁଇ ଭଳି ଦିକ୍ ଦିକ୍ ହୋଇ ଜଳୁଥିବା ମନ
ମଶାଣିରେ ଜଳୁଥିବା ସଂସାରର ମୋହ
ପ୍ରତାରଣା କଡ଼େଇରେ ଭାଜି ହେଉଥିବା ଜିଅନ୍ତା ଜୀବନ
ଭଗ୍ନ ବୁକୁ ତଳର ପ୍ରଜ୍ୱଳିତ ଦାବାନଳ
ଏକ ଯଜ୍ଞ ସ୍ଥଳ ତପ
ପ୍ରଣୟର ବାସ୍ନାୟିତ ଆଳାପ
କିଛି ହସ କିଛି ଲୁହର ସମ୍ମିଶ୍ରଣ
ସମାଜର ନିଷ୍ଠୁର ଅଙ୍କୁଶ
ବିରହର ଏକ ଦୀର୍ଘଶ୍ୱାସ
କବି ପାଇଁ ଏକ ନୈସର୍ଗିକ ଅନୁଭବ
କବିର ଅସମ୍ପୂର୍ଣ୍ଣ କବିତା...
ରଙ୍ଗଶାଳା, ପାନ୍ଥଶାଳା, ମଧୁଶାଳାର ଅନ୍ୟ ନାମ,
ପ୍ରେମ ଏକ ନିଶା
ପ୍ରେମ ଏକ ସ୍ୱର୍ଗୀୟ ଅନୁଭବ
ପ୍ରେମ ଏକ ଅନିର୍ବାଣ ନିଆଁର ଉତ୍ତାପ
ପ୍ରେମ ଏକ ପବିତ୍ର ପାପ !!!

କବିସୂର୍ଯ୍ୟନଗର,
ଗଞ୍ଜାମ

# ଚାହାଁ ଚାହାଁରେ

ପ୍ରଶାନ୍ତ କୁମାର ସାହୁ

ଚାହାଁ ଚାହାଁରେ ମଉନାବତୀ,
ଛାଡ଼ି ହେଲେ ଚିତ୍ତ ଗତି
ଆରେ ପ୍ରିୟସଖୀ        କି କାରଣେ ଦୁଃଖୀ---
ଡାକୁ ଆରତେ ମଉନେ କିମ୍ପା ରେ କିଶୋରୀ ।୧।

ଶୁଣ ମସୀକେଶା ହରିକଟୀ ,
ମାନ ଭାଙ୍ଗ ଲୋଳିତ ଭ୍ରୁକୁଟୀ
ତୋ' ହଳଦୀତନୁ        ମଳିନ ଅଦିନୁ----
ନେତ୍ର ନ ରୁଚେ ଚନ୍ଦ୍ର ବଦନ ରେ କିଶୋରୀ ।୨।

ବିରହେ ଶଶକିଶୋରୀ ଦେହୀ ,
ପରିରମ୍ଭ ଆଶାରେ ନିସାହୀ
ନୟନଶଫରୀ        ନିଥର ବିଚାରୀ -----
ନୀରଜକୋଷନିଭେ ଅନଳ ରେ କିଶୋରୀ ।୩।

ଗୋ ଉରମାଙ୍ଗୀ ରସ-ସରସୀ,
ଅରୁଣଓଷ୍ଠୀ ସୁନ୍ଦରହାସୀ
ଗବାକ୍ଷ ନିକଟ        ହୋଇଣ ପ୍ରକଟ-----
ମୁଖ ପୀୟୁଷ ଅମ୍ବୋଦ ଢାଳି ରେ କିଶୋରୀ ।୪।

ଛତ୍ରଗଡ଼,
ଖୋର୍ଦ୍ଧା

ମସୀକେଶା--କୃଷ୍ଣ କେଶଯୁକ୍ତା, ଶଶକିଶୋରୀ--କୋମଳପ୍ରାଣ ଠେକୁଆ ପରି,
ନୟନଶଫରୀ--ମୀନ ପରି ନୟନ, ନୀରଜକୋଷନିଭ--ନୂତନ ପଦ୍ମକଢ଼ ସଦୃଶ,
ଉରମାଙ୍ଗୀ--ସ୍ଵର୍ଣ୍ଣବର୍ଣ୍ଣା, ଅରୁଣଓଷ୍ଠୀ--ରକ୍ତାଭ ଅଧର,
ପୀୟୂଷଅମ୍ବୋଦ--ଅମୃତପୂର୍ଣ୍ଣ ମେଘ, ହରିକଟୀ--ସିଂହକଟୀ, ପରିରମ୍ଭ--ଆଲିଙ୍ଗନ

# କେବେ ତୁମ ପ୍ରେମ

**ରତ୍ନପ୍ରଭା ବାଇ**

ଗ୍ରୀଷ୍ମରେ ଜୀବନ ବର୍ଷାରେ ନୟନ
କେବେକେବେ ଭିଜିଯାଏ
କେବେ ତ ଶରତ ସବୁଜ ସପନ
ମନେ ଉଙ୍କି ମାରୁଥାଏ ।।୦।।

କେବେ ଶିଶିର ର ବେଦନା ବିନ୍ଦୁରେ
ଭିଜେ ହୃଦୟର କାନ୍ଥ
କେବେ ମିଠାମିଠା ଭାବନାକୁ ନେଇ
ଶିହରାଇ ଦିଏ ଶୀତ ।
କେବେ ତୁମ ପ୍ରେମ ଛପିଛପି ଆସି
ମନ ଚହଲେଇ ଦିଏ ।।୧।।

କେବେ ବାସ୍ନାୟିତ ବସନ୍ତ ପରଶେ
ସ୍ମୃତିର ସହରେ ହଜେ
କୋଇଲି କୁହୁରେ ଫୁଲ ଫରୁଆରେ
ଅତୀତକୁ ମୋ'ର ଖୋଜେ
କେବେ ତୁମ ପ୍ରେମ ଅମାନିଆ ହୋଇ
କାନି ଧରି ଟାଣି ନିଏ ।।୨।।

କେବେ ଋତୁ ମାନେ ସଜେଇ ଦିଅନ୍ତି
ଇନ୍ଦ୍ରଧନୁ ରଙ୍ଗ ବୋଳି
କେବେ ତୁମ ପ୍ରେମ ମହକ ମାତିଲେ
ହୃଦୟ ଯାଏ ତରଳି
କେବେ ତୁମ ମନ ଜହ୍ନ ଆଲୁଅରେ
ଝଲମଲ ଦିଶୁଥାଏ ।।୩।।

ସମ୍ପାଦିକା – ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ, ଅନୁଗୁଳ

# ପ୍ରେମ

ଅଜୟ କୁମାର ସେଠୀ



ଦୁଇଟି ମନର ମିଳନ ପୀଠରୁ
ଜନମ ହୁଅଇ ପ୍ରେମ
ଅଢେଇ ଅକ୍ଷର ଶବ୍ଦଟିଏ ସିନା
ବଳିଦାନ ଯାର ନାମ ।

ପ୍ରେମ ଜୀବନରେ ହୋଇଗଲେ ଥରେ
ସହଜେ ଭୁଲି ହୁଏନା
ପ୍ରେମକରି ଯିଏ ପ୍ରତାରଣା କରେ
ସିଏସବି ଶାନ୍ତି ପାଏନା ।

ପ୍ରଥମ ପ୍ରେମର ପ୍ରଥମ ଦେଖାରେ
ମିଶିଗଲେ ଦୁଇ ଆଖି
ମନ କିଣାବିକା ହୋଇଯାଇଥାଏ
ବନ୍ଧାପଡ଼େ ପ୍ରେମ ପକ୍ଷୀ ।

ପ୍ରେମର ଜାଲରେ ଛନ୍ଦି ହୋଇଗଲେ
ପ୍ରେମୀ ଯୁଗଳଙ୍କ ଡେଣା
ଉଡିବାକୁ ଚାହିଁ ଉଡ଼ିପାରନ୍ତିନି
ହୋଇଯାଆନ୍ତି ବାଟବଣା ।

ପ୍ରେମପକ୍ଷୀ ଯେବେ ଆହତ ହୁଅଇ
ଭାଙ୍ଗିଯାଏ ସ୍ବପ୍ନ ଡାଳ
ଦୁହିଁଙ୍କ ଦୁନିଆ ଜଳି ଯାଇଥାଏ
ପଡ଼ିଯାଏ ପୁଣି କାଳ ।

ପ୍ରେମ କୁସୁମଟି ଫୁଟିଗଲେ ଥରେ
ମହମହ ହୋଇ ବସେ
ପ୍ରେମ ମହକରେ ମହକାଇ ଦେଇ
ଚିରଦିନ ପାଇଁ ହସେ ।

ଅଞ୍ଜିରା, ଓହ୍ଲାଣ,
ପୁରୀ

# ପ୍ରେମ

## ନରୋତ୍ତମ ବେହେରା

ପ୍ରେମ ପ୍ରକୃତି ପ୍ରଦତ୍ତ ଆଦରେ ଜୀବଜଗତ
ପ୍ରେମ ବିନା ଧରା ହତ ପଣ୍ଡିତ ମତ
ମାନବ ପ୍ରେମ ପୃଥକ ବିଧି ବିଧାନଧାରକ
ଧରଣୀ ହିତକାରକ ନୀତିସଙ୍ଗତ,
ଅନ୍ୟଥା ସେ ସ୍ଥାନାଦି ତେଜି......
ରତିରେ ମତି ରଖନ୍ତା ସାମର୍ଥ୍ୟ ହେଜି ।। ୧ ।।

ସମ୍ପ୍ରତି ପ୍ରେମ ବିକୃତ ପାଶ୍ଚାତ୍ୟ ନୀତି ଆଦୃତ
କାୟା ବାସ ଅନାବୃତ ପ୍ରୀତି ଆହ୍ୱାନେ
ଭାବି ପ୍ରେମ ଅଧିକାର ଆଦରିଲେ ପର ଦାର
ତୋଷ ହେଲେ ବାରମ୍ବାର ଶରୀର ଦାନେ,
ନର ଏବେ ପଶୁ ସମାନ.......
ପୀରତି ବର୍ଣ୍ଣନ କରେ ବିସ୍ମରି ମାନ ।। ୨ ।।

ଆଗକୁ ମଣିଷ ଜାତି ଭୁଲିକି କୁଟୁମ୍ବ ଜ୍ଞାତି
ବିବସ୍ତ୍ର ପ୍ରଥାରେ ମାତି କରିବ ରତି
ପାଶବିକ ହୀନ ପ୍ରୀତି କରିବ ବରଜି ନୀତି
ଗାଇବ ପ୍ରେମର ଗୀତି ଉଜାଡ଼ି ମତି,
ପ୍ରେମରୁ ଏ ଜୀବଜଗତ........
ପ୍ରେମ ପାଇଁ ଦିନେ ହେବ ଏହାର ଅନ୍ତ ।। ୩ ।।

ସବୁଜ ସାହିତ୍ୟ ସଂସଦ
ପାଣିକୋଇଲି, ବାଙ୍କୀ,
କଟକ

# ତୁମେ

ଅଖିଳେଶ ମହାପାତ୍ର

ତୁମେ
ସଂଗୀତର ମଧୁର ମୂର୍ଚ୍ଛନା
ଗଳ୍ପର ନାୟିକା ଆଉ
ଚନ୍ଦ୍ରର ଜୋଛନା ॥

ତୁମେ
ବସନ୍ତର ଶୀତଳ ପବନ
ଦେହରେ ପରଶ ବାଜି
ଖେଳିଯାଏ ନୂଆ ଶିହରଣ ॥

ତୁମେ
ସକାଳର ଓଁକାର ଧ୍ୱନି
ପ୍ରୀତିର ଠିକଣା ଆଉ
ସ୍ନେହ ସୋହାଗିନୀ ॥

ତୁମେ
କାଚକେନ୍ଦୁ ଝରଣାର ଜଳ
ଅହରହ ହୃଦୟ କନ୍ଦର
କରୁଥା ନିର୍ମଳ ॥

ତୁମେ
କୋଟି କର୍ମର ପୁଣ୍ୟ
ସ୍ନେହ, ପ୍ରେମ, ଶରଧାରେ
ହୋଇଅଛି ଧନ୍ୟ ॥

ତୁମେ
ଜୀବନର ଗଳପ, କବିତା
ସାହିତ୍ୟ ଓ ଇତିହାସ
କେତେ କେତେ କଥା ॥

ତୁମେ
ସରଳିଆ ଗାଣିତିକ ସୂତ୍ର
ସମାଧାନ କରୁଥାଅ
ଯେତେ ସବୁ ଅଛିଣ୍ଡା ଗଣିତ ॥

ତୁମେ
ଆରମ୍ଭ ଓ ଶେଷ
ସ୍ମୃତି ଅନୁଭୂତି ଭରା
ପ୍ରେମ, ପ୍ରୀତି, ଯଶ ॥

ଗୋବିନ୍ଦପୁର, ବଡବେରଣା,
ଖୋର୍ଦ୍ଧା

# ସ୍ମୃତିର ଶେଫାଳି

**ରବିନାରାୟଣ ମଙ୍ଗରାଜ**



ଅଝାଡ଼ ଝାଡ଼ରେ ସବୁଜ ବେଳାରେ
ସ୍ମୃତିର ଶେଫାଳି ଅଙ୍କେ
ଦେଖା ହୋଇଥିଲା ବାହୁଡ଼ା ବାଟରେ
ଲତା ଗହଳର ଫାଙ୍କେ ----।

ସଞ୍ଜ ନଇଁଗଲା ଦୂର ଗଗନରେ
ଭରିଲା ପକ୍ଷୀ କାକଳି
ବଣ ବଙ୍ଗଳାର ବତୀଖୁଣ୍ଟ ଦେହେ
ଆଲୋକ ଉଠିଲା ଜଳି ----।

ସମୟ ବଢିଲା ଦିନ ଚାଲିଗଲା
ଫେରିଲି ଫେରନ୍ତା ପଥେ
ଭାବିଲି ମୋ' ସ୍ମୃତି ପଥ ଚାହିଁଥିବ
ନେଇଯିବି ମୋ'ର ସାଥେ ----।

ବାଟେ ଯାଇଥିଲି ବାଟୋଇପଣରେ
ଅପଲକେ ଦେଖୁଥିଲି
ଜୀର୍ଣ୍ଣ କୁଟୀରଟି ଶୂନ୍ୟ ପଡ଼ିଥିଲା
ନୀରବେ କେତେ ଖୋଜିଲି ----।

କେତେ ମୁଁ ଡାକିଲି ବିନୟେ ବିଳପି
ଆକାଶେ ପକ୍ଷୀଙ୍କୁ ଚାହିଁ
ମୋ' ଡାକ ଫେରଇ ଦୂର ଦିଗବଳୟୁ
ପାହାଡ଼ରେ ଧକ୍କା ଖାଇ ----।

ସତେ ପକ୍ଷୀଯୂଥ କହୁଥିଲେ ମୋତେ
ଫେରିଯା' ଦୂର ପଥିକ
କେବେଠୁ ଶେଫାଳୀ ମଉଳି ଗଲାଣି
ଆଉକି ଶୁଣିବ ଡାକ ----।

**ବୈଦ୍ୟେଶ୍ୱର, ବାଙ୍କୀ,**
**କଟକ**

# ପ୍ରେମ ଏକପଦୀ

**ରଜତ କୁମାର ଷଡ଼ଙ୍ଗୀ**

୧

ପ୍ରେମଟା ଅଢେଇ ଅକ୍ଷର,
କିଏ କହେ ପ୍ରେମ ହେଲେ
ସିନ୍ଧୁଟା ବିନ୍ଦୁ ହୋଇଯାଏ
ବିନ୍ଦୁ ହୋଇ ଯାଏ ପାରାବାର।।

୨

କିଏ କହେ ପ୍ରେମ ହୁଏ
କିଣାବିକା ବିଚ୍ ବଜାରରେ,
କିଏ କହେ ସେ ତ ଅମୂଲ ମୁଲ
ସାଇତା ସଂପତ୍ତି ହୃଦ ଫରୁଆରେ।।

୩

ସଚ୍ଚା ପ୍ରେମିକ ତ କଳିପାରେ
ଅପୂର୍ବ ଶାଶ୍ୱତ ପ୍ରେମ ଗଭୀରତା
ଆଖିର ଚମକରେ ଜାଳିପାରେ
ହୃଦୟ କନ୍ଦର ଗୋପନ ସଳିତା ।

ବୋରିଗୁମ୍ମା,
କୋରାପୁଟ

# ସପନ ବଣିକ

**ପ୍ରସନ୍ନ ମଣ୍ଡଳ**



ଆଖି ଆଇନାରେ
ଲାଖ ଶର ମାରି
ମରମକୁ ନିଏ କିଣି
ଅସରା ଅସରା
ଲୁହ ଲଗାଣକୁ
ଭରସାରେ ଯାଏ ଜିଣି।

ବୁଣିଦିଏ ମନେ
ସପନ କଣିକା
ଶହେ ଫଗୁଣର ଫୁଲ
ସାତରଙ୍ଗ ଫଗୁ
ସତର ବସନ୍ତ
ଅସରନ୍ତି ପ୍ରୀତି ମୂଲ।

ହାଣିଦିଏ ଛାତି
ଜାଣିଦିଏ ରାତି
ଉତଲା ମନର ଭାଷା
ତତଲା ଦେହର
ତାଳୁରୁ ତଳିପା
ଉତାଳ ଅନ୍ତର ଆଶା।

ବାନ୍ଧିପାରେ ଭାବ
ଅଭାବ କଷଣ
ବିନ୍ଧିପାରେ ସବୁ ଭେଦ
ସହିପାରେ କୋହ
ଲୁହର ଓଜନ
ବହିପାରେ ଯେତେ ଖେଦ।

ଟପିପାରେ ସୀମା
ସମୟ ବାଟିକା
ବିଷ ବିସମ୍ବାଦ ସେତୁ
ଛନ୍ଦିପାରେ ପ୍ରେମ
ପ୍ରଣୟ ଫାନ୍ଦରେ
ଗ୍ରହ ଶନି ରାହୁ କେତୁ।

ଗଣି ପାରେ ଋତୁ
ରକତ ବିପଣି
ବିପରୀତ ତୀର ତାତି
ଜାଣିପାରେ ଗୁଣ
ଫଗୁଣ ବିଚ୍ଛେଦ
ବିଷମ ଛଳନା ରାତି।

ଦହିପାରେ ଚିତ୍ତ
ହୋଇପାରେ ମିତ
ମୋହିନିଏ ମନ ପ୍ରାଣ
ମହୁମହୁ କଥା
କୁହୁ କୁହୁକରେ
କହୁକହୁ ମାରେ ବାଣ।

ଦେଇଦିଏ ମୁଣି
ହୀରା ମୋତି ମଣି
ମୁକୁଟ ମରଣ ବାଜି
ହୋଇଯାଏ ଶୂନ୍ୟ
ଶମଶାନ ଭୁଇଁ
ଶେଷ ଶମନକୁ ରାଜି।

ଝାଡିଦିଏ ଅଣ୍ଟି
ଖୋଲିଦିଏ କଟି
କାଟିଦିଏ ଜାଲ ଫାନ୍ଦ
ସପନ ବଣିକ
ସାତ ଜନମକୁ
ଆଣିଦିଏ ସୁନା ଚାନ୍ଦ।

**କୋଟପଲ୍ଲା,
ଖୋର୍ଦ୍ଧା**



# ପ୍ରେମ ଥିଲା ଝରିବାକୁ

**ସତ୍ୟନାରାୟଣ ମଲ୍ଲିକ**

ଆମ ପ୍ରେମ ଥିଲା ଝରିଯିବା ପାଇଁ
କିଛିତ ନ ଥିଲା ପାପ
ସିନ୍ଦୂର ନାଇବା ଆଗରୁ ପ୍ରିୟା ମୋ'
ସରିଗଲା ପ୍ରେମ ଗପ ॥

କରିନି ଛଳନା କରିନି କପଟ
କରିଛି କେବଳ ପ୍ରେମ
ଆଖିର ଲୁହରେ ତା'କୁ ମୁଁ ଦେଖୁଛି
ହେଲି ବୋଲି ବଦନାମ ॥

ଗୋଲାପି ଚୁଡିର ଦିନ ହୋଇଗଲା
ସୁନା ଶଙ୍ଖା ତୁମ ହାତେ
ଶାଶୂଘର ଚୁଲିମୁଣ୍ଡ ପାଖେ ବସି
ଭୁଲିଯାଉ ଥିବ ମୋତେ ॥

ନୀରବତା ଯଦି ତୁମକୁ ଛୁଇଁବ
ଭାବୁଥିବ ମୋ'ର କଥା
କେତେ ଲେଖୁଥିଲି କଲମ ମୁନରେ
ପ୍ରେମର ମିଠା କବିତା ॥

ସଂଜ ନଇଁଯାଉ ରାତି ପାହିଯାଉ
ପ୍ରତୀକ୍ଷା ତୁମକୁ ମୋ'ର
ଜନ୍ମ ନିଅ ତୁମେ ଆମ ପ୍ରେମ ପାଇଁ
ପୃଥିବୀରେ ବାରବାର ॥

ତୁରିନ୍ତିରା, ବାଲିପାଟଣା,
ଖୋର୍ଦ୍ଧା

# ଋତୁକନ୍ୟା

ରୀନାରାଣୀ ମହାନ୍ତି

ଋତୁକନ୍ୟା ତମ ଦେହ ବଗିଚାରେ
ଶ୍ୟାମଳିମା ଭରିଯାଏ
ଚୋରା ଚାହାଣିରେ ଚାହିଁଦେଲେ ଥରେ
ମନ ମଧୁବନ ହୁଏ ।। ୦ ।।

ଋତୁକନ୍ୟା...........
ତୁମରି ହସତ ଫୁଲ ଧନୁ ଆଣେ
କୁଆଁରୀ ଜୋଛନା ରାତି
ତୁମରି ଲୁହରେ ଝରି ପଡୁଥାଏ
ହୀରା ଫୁଲ ଅବା ମୋତି
ଗୋଧୂଳି ରଙ୍ଗର ଗୋଲାପୀ ଓଠରେ
କାହାଣୀ ତ ଲେଖିଯାଏ ।। ୧ ।।

ଋତୁକନ୍ୟା............,...........
ସନ୍ଧ୍ୟା କବରୀରେ ଛନ୍ଦ ଭରେ ତମ
ରଜନୀଗନ୍ଧାର ବାସ
ତୁମ ରାଜହଂସୀ ଚାଲିରେ ଚାଲିରେ
ଫୁଟି ଉଠେ ମଧୁମାସ
ସେ ରୂପ ଚାତୁରୀ ସତେ ମଧୁକାରୀ
ହାତ ଠାରି ଡାକୁଥାଏ ।। ୨ ।।

ଭିଜିଲାନ୍ସ କଲୋନୀ, କଲ୍ୟାଣୀ ନଗର
କଟକ

# ଛଳନା ଦ୍ୱୀପର ଲଳନା

ବିଭୁପ୍ରସାଦ ମହାପାତ୍ର

ପ୍ରେମ ଛଳନା ଦ୍ୱୀପର ଲଳନା
ସେ ଯେ ଅପାର ଅସାର କାମନା
ଦେହ ସୁଖ ଲୋଭ ଯନ୍ତ୍ରଣାର ଲାଭ
ବିନା ସେଥୁ କିଛି ମିଳେନା ।

ପ୍ରେମ ଯନ୍ତ୍ରଣା ଦାରୁଣ କରୁଣ
ପୁଣି ଅବିଶ୍ୱସ୍ତ ଆଉ ନିର୍ଜନ
ଲୋମହର୍ଷକ ବିଭୀଷିକାମୟ
ତ୍ରୟ ଯୁଦ୍ଧର କାରଣ ।

ଭୋଗଡା, ବାଘମାରୀ,
ଖୋର୍ଦ୍ଧା

# ପ୍ରେମ

**ହାସ୍ୟମୟୀ ରାଜ୍**



ପଚାରିନି ପ୍ରଶ୍ନ କେବେ
ବୁଝିବାକୁ ମନ
କରିନି ଜୀବନେ କେବେ
ହୀନ ଅଭିମାନ
ତୁମ କଥା ଘୋଷୁଥାଏ
କରି ଗଣ୍ଠିଧନ
ତୁମ ବିନା ସବୁକିଛି
ଲାଗେ ଶୂନ୍ୟ ଶୂନ୍ୟ ।।

ମୋ' ହିସାବ ତୁମ ପାଖେ
ଯେତିକି ସହଜ
ତା'ଠାରୁ ପ୍ରାଞ୍ଜଳ ଲାଗେ
ତୁମ ଭାବରାଜ୍ୟ
ହୃଦୟ କୁଞ୍ଜବନେ
ଶୁଭେ ବଂଶୀସ୍ୱନ
ଶୁଣୁଥାଏ ମନେମନେ
ସେ ମଧୁର ତାନ
ଛୁଇଁଯାଏ ବାରବାର
ମଳୟ ପବନ ।।

ମୋ' ହସ ଲୁହରେ
କେତେ ମଜ୍ଜ ଅବା ଭିଜ
ଖୋଜେନି ପ୍ରମାଣ
କିବା ଦିଏନାହିଁ କାନ
ହେଲେ ତୁମ ଓଠ ହସ
କରୁଥାଏ ପାନ
ମୋ' ଭିତରେ ନିତି ପ୍ରତି
ଭରେ ସେ ଜୀବନ ।।

ହୃଦୟ କୋହରେ
ଝରେ ଲୁହର ଶ୍ରାବଣ
ଯେତେ ଦୂରେ ଥାଅ ପଛେ
ପାଖେ ଥାଏ ପ୍ରାଣ
ତୁମ ବିନା
ଉତ୍ସବରେ ନଥାଏ ସ୍ପନ୍ଦନ
ଦୁଃଖର ଝାଞ୍ଜିରେ ଭର
ଶୀତଳ ଚନ୍ଦନ ।।

ତୁମେ ଥିଲେ
ଶୁନଶାନ୍ ଚାରିକଡ଼
ଲାଗେ ପରିପୂର୍ଣ୍ଣ
ଅମା ଅନ୍ଧକାରେ ହସେ
ପୂର୍ଣ୍ଣମୀର ଜହ୍ନ
ତୁମ ବିନା ସରେନାହିଁ
ରାତି ଅବା ଦିନ
ଇଏ କେମିତିକା ପ୍ରେମ ସତେ
କେମିତିକା ବନ୍ଧନ ।।

ଓରାଳି, ହାଟଡିହି,
କେନ୍ଦୁଝର

# ମୁଁ ଆଉ ତୁମେ

ଆରାଧନା ଦାଶ



ମୁଁ ତୁମକୁ ଅନୁଭବେ...
ମୋ' ବିଶ୍ୱାସରେ
ମୋ' ନିଃଶ୍ୱାସରେ
ମୋ' ହୃଦ ତନ୍ତ୍ରରେ
ମୁଁ ତୁମକୁ ଖୋଜେ...
ମୋ' ସୁଖରେ
ମୋ' ଦୁଃଖରେ
ସମ୍ପର୍କମାନଙ୍କ ଗହଣରେ
ତୁମର ଅନୁପସ୍ଥିତିରେ ବି
ତୁମେ ମୋ' ଭିତରେ
ମୁଁ ତୁମ ଭିତରେ
ମୁଁ ବିନ୍ଦୁ ହେଲେ ତୁମେ ସିନ୍ଧୁ
ମୁଁ ନୀର ହେଲେ ତୁମେ କ୍ଷୀର
ତୁମେ ମୋ'ର ଜୀବନର ସଙ୍ଗୀତ ମଧୁର
ମୁଁ ତୁମ ଅବ୍ୟକ୍ତ ଯନ୍ତ୍ରଣାର ସ୍ୱର
ତୁମେ ମୋ'ର ବିତାନର ଛାଇ
ମୁଁ ତୁମ ନିଦାଘର ନଈ
ତୁମେ ଗୀତ ନିରୁତା ଶୀତର
ମୁଁ ବସନ୍ତର ମଳୟ ସମୀର
ତୁମେ ଶିଳ୍ପୀ ନିହାଣର ଛନ୍ଦହୀନ ସ୍ୱର
ମୁଁ ଶିଳାରେ ଖୋଦିତ ଦେହ ନର୍ତ୍ତକୀର
ଚାଲୁଥିବା ସୁଖେ ଦୁଃଖେ
ଆମେ ସାଥି ହୋଇ..
ଜୀବନର ଚଲାପଥେ
କେବେ କଣ୍ଟା କେବେ ଫୁଲ
ତୁମେ ଥିଲେ ସାଥେ ମୋ'ର
ସବୁ କିଛି ପାରିବି ମୁଁ ସହି।

ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ
ସାମନ୍ତସିଂହାର କେଳୁ ଚରଣ ଉଚ୍ଚ ବିଦ୍ୟାଳୟ

# ପ୍ରେମ

ନିରଞ୍ଜନ ସାହୁ

ପ୍ରେମ ନୁହେଁ ବନ୍ଧୁ ଦୁଇଟି ଅକ୍ଷର
ଲେଖିକି ଲିଭାଇ ଦେବ
ପ୍ରେମ ନୁହେଁ ବନ୍ଧୁ ମାତ୍ର ଏକ ଶବ୍ଦ
ଉଚ୍ଚାରଣ କଲେ ହେବ ।। ୦ ।।

ପ୍ରେମ ହିଁ ସ୍ୱର୍ଗୀୟ ପ୍ରେମ ଚିରନ୍ତନ
ପ୍ରେମରେ ଦୁନିଆ ବନ୍ଧା
ପ୍ରେମ ହିଁ ଶାଶ୍ୱତ ପ୍ରେମ ଅପ୍ରାକୃତ
ପ୍ରେମ ବି ଯୋଜନଗନ୍ଧା
ପ୍ରେମ ପୃଥିବୀରେ ସଭିଏଁ କୁଟୁମ୍ବ
ବିଶ୍ୱକୁ କୋଳେଇ ନେବ ।। ୧ ।।

ପ୍ରେମ ଆଣିପାରେ ବୈପ୍ଳବିକ ଚିନ୍ତା
ପ୍ରେମ ଭରିପାରେ ଶାନ୍ତି
ପ୍ରେମ ଗଢ଼ିପାରେ ସମ୍ପର୍କର ସେତୁ
ପ୍ରେମ ନୈସର୍ଗିକ କାନ୍ତି
ପ୍ରେମ ରହିଥାଉ ଯୁଗଯୁଗ ଧରି
ପ୍ରେମର ଶ୍ରୀପଦ ସେବ ।। ୨ ।।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ

# ଅତୀତ

**ଶୁଭଶ୍ରୀ ରାଉତ**

ଆଉ ଖୋଜନି
ସେ ପୁରୁଣା ପ୍ରେମର ଗପ ବହିଟିକୁ
ସମୟର ବିକଟାଳ ରଡ଼ିରେ
ଦୁର୍ବଳ ହେଇଯାଇଛି
ସେ ସମ୍ପର୍କର ଖିଅ ।

ଆଉ ନଷ୍ଟ କରନି ସମୟ
ଅତୀତକୁ ମନେ ପକେଇ।
କଣ ବା ଆନନ୍ଦ ଥାଏ
ଅସଜଡ଼ା ଫର୍ଦ୍ଦ ଗୁଡ଼ିକୁ
ପୃଷ୍ଠାଙ୍କ ଦେଇ ସଜାଡ଼ିବାରେ ।

ଅତୀତଟା ମନେ ପଡିଗଲେ
ଆବୋରି ବସେ ନିସଂଗତା
ମୁଠାମୁଠା ଯନ୍ତ୍ରଣାରେ
ସିଝୁଥାଏ ହୃଦୟ।

ଆଖିର ଲୁହ ଆଉ ମନର କୋହ
ଅସଂଯତ ହୋଇ ଆସିଲା ବେଳକୁ
ମୁଁ କବର ଦେଇଦିଏ
ମୋ' ନିରୀହ ମନଟିକୁ
ସାମ୍ନାରେ ସ୍ୱୀକାର କରେ
ମୋ' ବାସ୍ତବ ଦୁନିଆକୁ ।

ଅମରାବତୀପୁର, ଶଙ୍କରପୁର,
ଚାରିବାଟିଆ, କଟକ

# ପ୍ରେମ

**ଲକ୍ଷ୍ମୀପ୍ରିୟା ମହାରଣା**

ସନ୍ତରଣ କରି କରି
ପ୍ରତିକୂଳ ସମୟ ସ୍ରୋତରେ
ଶୁନଶାନ୍ ମରୁବୁକେ
ମୁଁ ଥିଲି ଏକ ବାଟୋଇ

ଆଜି ତୁମର ଅନାବିଳ
ପ୍ରେମର ତରଙ୍ଗରେ
ଫୁଟିଯାଏ ହୃଦୟରେ ମୋ'ର
କୋଟି ସପନର ସୁନା ଫୁଲ

ଆହୁରି ଆୟୁଷ୍ମାନ ହେବାକୁ
ମନ ଚାହେଁ ଆଜି
ତୁମର ସାନିଧ
ପାଇବାର ମୋହରେ

ଆଖିରେ ପଲକ ପଡିଲେ
ଦିଶେ ଖାଲି ତୁମ ପ୍ରତିଛବି
ପ୍ରତିଧ୍ୱନି ତୋଳୁଥାଏ
ତୁମ ସ୍ନେହପୂର୍ଣ୍ଣ କଣ୍ଠସ୍ୱର

ତୁମ ବିନା ଖାଁ ଖାଁ
ଲାଗେ ଚରାଚାର
ତୁମ ଆଗମନ ପରେ
ଅମାବାସ୍ୟା ଡର ଆଉ ନାହିଁ

ସବୁ ଲାଗେ ପୁନେଇର
ଚାନ୍ଦ ଭଳି ସହଜ ସରଳ
ଭାବି ମୁଁ ନଥିଲି କେବେ
ଜୀବନରେ ଏମିତିକା
ଦିନ ଆସିବ ବୋଲି

ଜାଗତିକ, ଅଜାଗତିକ
ମୋ ଚିନ୍ତା ଚେତନା
ମୋ ଭଲ ପାଇବା ସବୁ ଆଜି
ତୁମଠାରେ ସମର୍ପିତ ।

**ମହାବୀରପଡ଼ା, ଧନୁପାଲି,**
**ସମ୍ବଲପୁର**

# ମୋ' ପ୍ରିୟା

ଅମୀୟ କୁମାର ସାହୁ

ରାତି ଗଲା ସରି
ନିଦ ଗଲା ମରି
ମୋ' ପ୍ରିୟା ଉଠିଲା
ଆଖି ମଳିମଳି
କାଖେ କଳସୀ ଧରି
ଅଳସୀ ନଈକୁ
ଅଳସୀ ଗଲା ବାହାରି
ରାତି ଗଲା ସରି.......।
ଚହଲା ନଈରେ
ଚାଳିଲା ଚରଣ
ରୁଣୁଝୁଣୁ ବାଜେ
ନୂପୁର ନିକ୍କଣ,
ସରମରେ ଗଲା ସରି
ସରମୀଲତାଟେ ପରି
ରାତି ଗଲା ସରି......।
କୁନ୍ତଳ ତାହାର
କୁଞ୍ଚି କୁଞ୍ଚିକା
ଦେହଟା ତାହାର
ନହନହକା
ଶୀତଳ ସମୀର
ଶରୀର ଛୁଇଁଲା
ଶୀତରେ ଉଠିଲା ଥରି
ରାତି ଗଲା ସରି......।

ସାରସ ନୟନା
ସଲିଳେ ପଶିଲା
ବୁଡ଼ାଇଲା ମଥା ଥିରିଥିରି
ଗିରିବରବାଳା
ହେଲା ପୁଲକିତ
ଅବଳାକୁ କୋଳେ ଧରି
ରାତି ଗଲା ସରି.......।
ଅବଗାହେ ଗୋରୀ
ତଟିନୀକୁ ଚିରି
ମୁଖପଦ୍ମ ଭାସେ
ଦିଶୁଅଛି ସତେ
ନୀଳ ଆକାଶରେ
ବଉଦର କୋଳେ
ଜହ୍ନ ହସେ କିରିକିରି
ରାତି ଗଲା ସରି.........।

ବୁଢାପଡା, ଜଟଣୀ,
ଖୋରଧା

# ତୁମେ ମୋ ଅଳକାନନ୍ଦା

ଗୋପାଳ ଚନ୍ଦ୍ର ମିଶ୍ର

ତୁମେ ପ୍ରିୟା ମୋ'ର ଚଲାପଥ ଧାରେ
ଆଶାର ଯେ କାଦମ୍ବିନୀ,
ଜୀବନ ନଦୀର ନାବିକ ତୁମେ ଗୋ
ରଜା ମୁଁ ତୁମେ ମୋ ରାଣୀ।
ତମସା ଭରା ଏ ଜୀବନର ପଥେ
ତୁମେ ବିଜୁଳିର ଝଲକ,
ବେଦନାସିକ୍ତ ଏ ପ୍ରାଣେ ଭରି ଅଛ
ଫଗୁଣର ମିଠା ମହକ।
ଜୀବନ ଜଞ୍ଜାଳେ ତୁମ ହାତ ଧରି
ଆଗକୁ ପାରିଛି ବଢ଼ି,
ମୋ' ହୃଦ ଗହନ କାନନର ମଧ୍ୟେ
ତୁମେ ଗୋଲାପର କଢ଼ି।
ନୀଳ ସମୁଦ୍ରର ଶାନ୍ତ ଢେଉ ତୁମେ
ତୁମେ ପରା ଲାସ୍ୟମୟୀ,
ମରୁଉଦ୍ୟାନେ ମୋ' ବାରିଧାରା ହୋଇ
ଯାଇଅଛ ତୁମେ ବହି।

ହାତେ ହାତ ଛନ୍ଦି ଘୁରିଛି କେତେ ମୁଁ
ଗହନ କାନନ ବନ,
ବୁଝି ପାରିଅଛି ଦରକାର ବୋଲି
ମନ ପାଇଁ ଗୋଟେ ମନ।
ହିମାଳୟ ଛାତି ଚିରି ମୁଁ ଅନ୍ଧାରେ
ସାଇତିଛି କେତେ ସ୍ମୃତି,
ଶୀତ ସକାଳର କଅଁଳିଆ ଖରା
କେତେ ଭରା ଜହ୍ନରାତି।
ଛନ୍ଦା ଚରଣରେ ପ୍ରଣତି ବାଢ଼ଇ
ନବାଜୁ ଜୀବନେ ନିନ୍ଦା,
ଜୀବନ ପାତ୍ର ମୋ' ଭରି ଦେଇ ଅଛ
ତୁମେ ମୋ' ଅଳକାନନ୍ଦା।

ଅରିଲୋ,
କଟକ

# ପ୍ରେମ

## ସଂଯୁକ୍ତା ମହାପାତ୍ର

ପ୍ରେମ, ଏ ଦୁନିଆ ଜାଣେ
ଇଏ ଅଢ଼େଇ ଅକ୍ଷର ନାମ
ଅତି ସୁମଧୁର, ଶାଶ୍ୱତ, ସୁନ୍ଦର
କିଏ କହେ ତାକୁ ଦିବ୍ୟ ଅନୁଭବ,
କିଏ ଅବା କହେ ସଂପର୍କ ଏ ଦୁଇ
ସ୍ଥୁଳ ଶରୀରର........
ପିତା, ମାତା, ଭାଇ, ଭଉଣୀ ସେନେହ
ଭଲ ପାଇବାର ଡୋରୀ
ଗୁରୁ ଶିଷ୍ୟ ସହ ଭକ୍ତ-ଭଗବାନ
ହୁଏନା ତାହାକୁ ଭୁଲି।
ପ୍ରେମ ପାଇଁ ସର୍ବେ ଏଇ ଦୁନିଆରେ
ପ୍ରଗଳ୍ଭ ପ୍ରାୟ ଲାଗନ୍ତି
କିଏ ବୁଝେ ଏଠି ସଂପର୍କର ସେତୁ
ଶାଶ୍ୱତ, ଚିରନ୍ତନ ପ୍ରେମର ଦିବ୍ୟ ଅନୁଭୂତି ?
ପ୍ରେମର ମହତ୍ତ୍ୱ ବୁଝେ କିଏ ଅବା,
ସର୍ବେ ତ ସ୍ୱାର୍ଥରେ ବନ୍ଧା
ସ୍ୱାର୍ଥ ଶେଷହେଲେ ମନ ଭରିଗଲେ
ପ୍ରେମ ମୂଲ୍ୟ ପଡ଼େ ମାନ୍ଦା।
ପ୍ରେମ ଅଢ଼େଇ ଅକ୍ଷର ନାମ
କିଏ ବା ରଖୁଛି ତାହାର ମାନ ?
ପ୍ରେମ ଅଢ଼େଇ ଅକ୍ଷର ନାମ
ଭାବ, ଅନୁଭବେ ମହତ ଚିନ୍ତନ
ଜୀବନକୁ କରେ ଧନ୍ୟ
ପ୍ରେମ ଅଢ଼େଇ ଅକ୍ଷର ନାମ।।

**ଶିକ୍ଷୟିତ୍ରୀ - ପୀତବାସ ୟୁ.ଜି.ୟୁ.ପି. ସ୍କୁଲ,
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ**

# ସୁନ୍ଦର ସପନ

ବୈଶାଳୀ ସାହୁ

ଆସିଥିଲ ତୁମେ ପାହାନ୍ତି ପହରେ,
ସୁନ୍ଦର ସପନ ହୋଇ
ମୋ' ମନ ରାଇଜେ ପ୍ରେମ ମନ୍ଦାକିନୀ,
ଧାରାଟିଏ ଗଲା ବହି ।।
ଆସିଥିଲ ତୁମେ ପାହାନ୍ତି ପହରେ
ସୁନ୍ଦର ସପନ ହୋଇ,
କିଛି ମୁହୂର୍ତ୍ତର ମଧୁର ଆଳାପ
ମୋ' ମନକୁ ଗଲା ଛୁଇଁ ।।
ତୁମେ ହେଲେ ଚାନ୍ଦ
ମୁଁ ଅଟଇ କଇଁ ,
ତୁମେ ହେଲେ ସୂର୍ଯ୍ୟ,
ମୁଁ ଯେ ସୂର୍ଯ୍ୟମୁଖୀ ,
ତୁମେ ଅନନ୍ତ ସାଗର
ମୁଁ ଯୌବନବତୀ ନଈ
ଆସିଥିଲ ତୁମେ ପାହାନ୍ତି ପହରେ,
ଏକ ସୁନ୍ଦର ସପନ ହୋଇ ।।

ଛଣଘର, ଜଟଣୀ,
ଖୋର୍ଦ୍ଧା

# ସମର୍ପଣ

## ନିରୁପମା ପାଣି

ମନକୁ କରୁଛି
ଆକଟ ଯେତେ ମୁଁ
ତୁମକୁ  ଭୁଲିବା ପାଇଁ
ଅବୁଝା ମନଟା
ବୋଲ ମାନୁନାହିଁ
ତୁମ ପାଶେଯାଏ ଧାଇଁ !!

ଯେବେ ମୁଁ ଭାବୁଛି
ଭୁଲିଯିବା ପାଇଁ
ତୁମେ କିଏ ଥିଲ ମୋର
କେମିତି ଭୁଲିବି
ଆତ୍ମାର ଆତ୍ମାକୁ
ଲୁହ ଝରେ ଧାର ଧାର

ସେ ଲୁହ ଟୋପାର
ପ୍ରତିଟି କଣିକା
ତୁମ ପାଇଁ ଯାଏ ବହି
ବଞ୍ଚି ପାରିବିନି
ମରି ପାରିବିନି
ତୁମକୁ ଯେ ଭୁଲିଯାଇ

ମନେ ତୁମ ଛାଇ
ସଦା ଥାଏ ରହି
ହୃଦୟରେ ତୁମ ନାମ
ନ ପାଇ ପାଇଛି
ସତ ମୁଁ ମାନୁଛି
ତୁମରି ଅମୂଲ୍ୟ ପ୍ରେମ

ଚାନ୍ଦବାଲି,
ଭଦ୍ରକ

# ଆ...ଆମେ ଦୁହେଁ...

## ତପନ ଦୀକ୍ଷିତ (ବେଳାଭୂମି)

ଆ...ଆଉ ଥରେ ଗଣିତ ଖାତାରେ
ପ୍ରେମର ତ୍ରିଭୁଜ କରି
ମାପି ଯିବା ଦୁହେଁ କୋଣ ଅନୁକୋଣ
ଜ୍ୟାମିତିକ ସୁତ୍ର ଧରି,
ମନ ଭୁଗୋଳରେ ଜାଗାଟେ ବାଛିବା
ହାତ ହୋଇ ଧରାଧରି
କାଗଜ ଡଙ୍ଗାଟେ କରି ଭସେଇବା
ରଫ୍ ଖାତା ଫର୍ଦ୍ଦ ଚିରି,
ଝରିବ ଶ୍ରାବଣ ଝୁରିବ ଫଗୁଣ
ଲାଗିବ ଚଇତି ଛୁଆଁ
ତାରୁଣ୍ୟର ସେଇ ଉଛୁଳା ଯୌବନ
ପୁଣି ହେବ ଅମାନିଆ,
ପ୍ରେମୀ ଯୁଗଳଙ୍କ ଡାଏରି ଫର୍ଦ୍ଦରେ
ଲେଖାଥିବ ଆମ ନାମ
ଆ...ଆମେ ଦୁହେଁ ଇତିହାସ ହୋଇ
ରଚିବା ନିଆରା ପ୍ରେମ ।।

ନାସିକେଶ୍ୱର, କାକଟପୁର,
ପୁରୀ



# ଦିବ୍ୟ ପ୍ରେମ

**ରଶ୍ମିତା ନାୟକ**

ହେ ପ୍ରେମ : ତୁମେ ଏକ ଅଢେଇ ଅକ୍ଷର
ତୁମେ ହିଁ ସୌନ୍ଦର୍ଯ୍ୟ ଓ ଔଦାର୍ଯ୍ୟର ଆଧାର
ତୁମେ ଭରିଦିଅ ରସ ଓ ଗନ୍ଧ
ତୁମ ବିନା ନଥାଏ ଏଠି ରୂପ ଓ ଛନ୍ଦ
ତୁମେ ଜାଳିଦିଅ ହତାଶାର ଅନ୍ଧକାର ଆଶା
ତୁମେ ଭରିଦିଅ ନିରାଶାରେ ଆଲୋକର ଜ୍ୟୋତି
ହେ ପ୍ରେମ : ସୁନାର ଶିକୁଳିରେ ତୁମେ ବାନ୍ଧିଛ
ଡାଳ ସହ ପତ୍ରକୁ
ଫୁଲ ସହିତ ପାଖୁଡାକୁ
ପବନ ସହିତ ପ୍ରବାହକୁ
ଝରଣା ସହିତ ପ୍ରବାହ ମାନତାକୁ
ସାଗର ସହିତ ଲହରିକୁ
ହେ ପ୍ରେମ : ତୁମେ ଯେବେ ନିମ୍ନକୁ ଆସ
ପାଲଟି ଯାଅ ଇନ୍ଦ୍ରିୟ ଲୋଲୁପି କାମନା
ନଥାଏ ତ୍ୟାଗ, ଥାଏ ଭୋଗର ଲାଳସା
କାମନାର ବାସ୍ନାରେ ଜାଳିଦିଅ
ଏଠି ପାଶବିକତାର ବନ ହିଁ
ହଜାଇ ଦିଅ କେତେ କୁଆଁରୀର ସୁନ୍ଦର ସ୍ୱପ୍ନ
ଉଜାଡ଼ି ଦିଅ କେତେ ସୁନାର ସଂସାର
ହେ ପ୍ରେମ : ଅଧିଷ୍ଠିତ ହୁଅ ଯେବେ ଚେତନାର ଉର୍ଦ୍ଧ୍ୱରେ
ରୂପାନ୍ତର ହୁଅ ତୁମେ ଦିବ୍ୟପ୍ରେମରେ
ମନ ହୋଇଯାଏ ଶୁଦ୍ଧ ମଧୁମୟ ଓ ସ୍ନିଗ୍ଧ
ତୁମରି ପରଶେ ବହିଯାଏ ଏଠି ବସନ୍ତର ମୃଦୁ ମଳୟ
ତୁମରି ଗୁଞ୍ଜନେ କଳରବ ହୁଏ କୋଇଲିର କୁହୁତାନ
ତୁମ ପୁଲକରେ ପୁଲକିତ ହୁଏ ମାନବର ଦିବ୍ୟ ଭକ୍ତି
ତୁମ ସୁବାସରେ ଉନ୍ମିଳନ ହୁଏ ଚେତନାର ଦିବ୍ୟଶକ୍ତି
ହେ ଦିବ୍ୟ ପ୍ରେମ : ମହାକାଇ ଦିଅ ଏ ସାରା ଜଗତେ
ପାରିଜାତ ଫୁଲ ବାସ ମରତକୁ ଆସି ସାଧକ ଜୀବନେ
ଭରିଦିଅ ସୁଧାରସ...ଭରିଦିଅ ସୁଧାରସ...

ଜଟଣୀ

# ଶାଶ୍ୱତ ପ୍ରେମ



**ବାସନ୍ତୀ ଦେଈ**

ପ୍ରେମ ଅମର ପ୍ରେମ ଶାଶ୍ୱତ
ଚିର ସବୁଜ ପ୍ରେମ
ମନ ଅଙ୍ଗନେ ଫୁଟି ମହକେ
ଦିବ୍ୟ କଳିକା ସମ।୧।
ଦୁଇଟି ଆତ୍ମା, ମନ, ବିବେକ
ବିଶୁଦ୍ଧ ଆଚରଣ
ପରସ୍ପରର ଆକର୍ଷଣରେ
ହୃଦୟେ ଶିହରଣ।୨।
ପ୍ରେମର ଫଲ୍ଗୁ ମନ ରାଇଜେ
ଜାଗେ ହୃଦୟ କୋଣେ
ସେନେହ ପ୍ରୀତି ସଦଭାବନା
ଜାଗଇ ପ୍ରତିକ୍ଷଣେ।୩।
ଆଜିକାଲିକା ଯୁବଯୁବତୀ
ହୁଅନ୍ତି ବାଟବଣା
ବିକୃତ ପ୍ରେମ ଦେହମିଳନ
ନାହିଁ ପ୍ରେମ ଠିକଣା।୪।
ଇତିହାସରେ ରହିଛି ଗାଥା
ଅମର ପ୍ରେମ ପାଇଁ
ସପ୍ତ ଆଶ୍ଚର୍ଯ୍ୟ ତାଜମହଲ
ମମତାଜ ସ୍ମୃତି ହୋଇ।୫।
ଦାମ୍ପତ୍ୟ ପ୍ରେମ ମହତ ପ୍ରେମ
ସଂସାର ସୃଷ୍ଟି ପାଇଁ
ନୀତିନିୟମ କଲେ ପାଳନ
ହସିବ ମରତ ଭୂଇଁ।୬।
ପତିପତ୍ନୀଙ୍କ ବିଶ୍ୱାସ ଭକ୍ତି
ଗଢେ ସୁଖ ସଂସାର
ସ୍ୱାର୍ଥ ଛଳନା କାଚ ଖେଳନା
ସଂସାର ନାରଖାର।୭।
ବାତ୍ସଲ୍ୟ ପ୍ରେମ ଅମୃତ ସମ
ନିବିଡ ଏ ସମ୍ପର୍କ
ପିତାମାତାଙ୍କ ସ୍ନେହ ଆଶିଷେ
ଗଢ଼ଇ କୋଣାରକ।୮।
ପ୍ରକୃତି ପ୍ରେମୀ ପରିବେଶକୁ
ପାଏ ସେ ଅତି ଭଲ
ସୁସ୍ଥ ପୃଥିବୀ ସୁସ୍ଥ ଜୀବନ
ଗଛ ଲଗାଇ ଚାଲ।୯।
ଦେଶ ପ୍ରେମରେ ଉଦବୁଦ୍ଧ ହୁଅ
ଦେଶ ମାତୃକା ପାଇଁ
ନିଷ୍କାମ ପ୍ରେମ ଜାଗ୍ରତ ହୁଏ
ଦିବ୍ୟ ଚେତନା ପାଇ।୧୦।
ଷୋଳ ସହସ୍ର ଗୋପ ଯୁବତୀ
ପ୍ରଭୁ ଆରାଧ ପାଇଁ
କୃଷ୍ଣ ପ୍ରେମରେ ରାଧା ଓ ମୀରା
ଥିଲେ ତଲ୍ଲୀନ ହୋଇ ।୧୧।
ସୂକ୍ଷ୍ମ ବିଚାର ଶୁଦ୍ଧ ଆଚାର
ଏକାନ୍ତ ନିଷ୍ଠା ଭକ୍ତି
ଇଶ୍ୱର ପ୍ରେମ ଶାଶ୍ୱତ ପ୍ରେମ
ଆତ୍ମାର ମୋକ୍ଷ ଗତି।୧୨।

ଖୋର୍ଦ୍ଧା

# ପ୍ରେମର ଚାନ୍ଦ୍ରାୟନ

**ପୁଷ୍ପାଞ୍ଜଳି ପଣ୍ଡା**



ମୋ' କାହ୍ନୁ ଖେଳିବ ବୋଲି
ଜହ୍ନ ମାମୁଁ
ଖସିପଡୁ ତା' ହାତରେ
ଥାଉ ପଛେ ଯେତେ ଦୂରରେ....
ଗୀତ ବଦଳିଯିବାର ମୁହୂର୍ତ୍ତ
ପ୍ରେମର ମୁହୂର୍ତ୍ତ।।

ମାଇଲ ମାଇଲ ଦୁରତ୍ୱକୁ
ଫୁ କରି ଉଡ଼ାଇ ଦେଇ
ଅନ୍ଧାରୁଆ  ପରଦା ହଟାଇ
ଆଲୋକିତ କରିଦିଏ ଦେଶକୁ
ପାଦ ଥାପି ପ୍ରେମ କରେ ଜହ୍ନକୁ।।

ଅପେକ୍ଷାର ସମୟ
କଷ୍ଟ ଦେଇନି
ଜୀବନ, ପ୍ରେମ ଆଉ ପ୍ରତୀକ୍ଷା
ଭାଗଫଳ ସୁଆଦିଆ
ପ୍ରେମ ସବୁ ପାରେ
ବିସ୍ତାରିତ ପୃଥିବୀର ସତ୍ତା
ସମ୍ପାଦିଲା ଜହ୍ନ ସହ ସମ୍ପର୍କର ସେତୁ
ସୃଷ୍ଟିକରେ ପ୍ରେମର ନୂଆ ଏକ ପ୍ରାପ୍ତି
ଦିବ୍ୟ ଉପଲବ୍ଧି
ପ୍ରେମ ଅନେକ ଆଗରେ।।

ବିଶ୍ୱ ବୁଝିସାରିଲାଣି
ଦେଖି ସାରିଲାଣି
ମହାଶୂନ୍ୟରେ, ଜହ୍ନରେ
ସବୁ ଜ୍ଞାନର, ସବୁ ଦର୍ଶନର
ସବୁ କଳ୍ପନାର ଉର୍ଦ୍ଧ୍ୱରେ
ପ୍ରେମର ଅସ୍ତିତ୍ୱ
ପିଲାଦିନର ଆକର୍ଷଣ
ଏବେ ପୁଣ୍ୟ ସନ୍ଦିକ୍ଷଣ
ପ୍ରେମର ଚନ୍ଦ୍ରାୟନ।।

**ଷ୍ଟାଟିଷ୍ଟିକାଲ ଅଫିସର,**
**କେନ୍ଦ୍ରାପଡ଼ା**

# ବିଡମ୍ବନା

**ସ୍ୱର୍ଣ୍ଣଲତା ଦାଶ**



ତୁମ ସାଥେ ପ୍ରୀତି ଡୋର
ହୁଏତ ବାନ୍ଧିଥିଲି ଅବେଳରେ
ଝରଝର ଝରୁଥିଲା ବର୍ଷା
ବତୁରି ଯାଇଥିଲା ମାଟି
ତନ୍ଦ୍ରା ଅଳସ ଆଖିରେ
ପ୍ରେମ ରଙ୍ଗ ଦେଇଥିଲା ମାଖି
ହେଲେ ଅବିଶ୍ୱାସର ଅନଳ
ସବୁ କିଛି କରିଦେଲା
ଓଲଟପାଲଟ
ହୁଏତ ବିଡମ୍ବନା ଥିଲା ଭାଗ୍ୟର
କୁଆଁରୀ ମନଟା ବେସୁରା ରାଗିଣୀରେ
ତୋଳୁଥିଲା ନିଶବ୍ଦ ଝଙ୍କାର
ଉତୁରା ମନର ବତୁରା ଛାତିଟା
ପ୍ରେମଶୂନ୍ୟ ଲାଗେ
ଅନ୍ତର କୋହକୁ ଚାପିଦେଇ
ହୃଦୟର ନିଭୃତ ଅଙ୍ଗନେ
ସବୁ ସହି ଆଗକୁ ଚାଲିବାର
ଦୁର୍ବାର ପ୍ରଚେଷ୍ଟା
ପ୍ରୀତିର ରେଶମୀ ଡୋରିରେ
ବାନ୍ଧିବାର ପ୍ରବଣତା
ଅକାରଣ ହୁଏ
ସତେ ଅବା କିଏ
ବୁଣିଦେଲା ବିଷମଞ୍ଜି
ଅବା କେଉଁ କୁହୁକିନୀ ମାୟାରେ
ହଜିଗଲା ସବୁ ଖୁସିର ମୁହୂର୍ତ୍ତ
କାୟାର ଶୂନ୍ୟତା ଅନୁଭବେ ତିଳତିଳ
ପ୍ରେମ ପ୍ରଣୟର ପରିଭାଷା
ପ୍ରତୀକ୍ଷା ପାଲଟେ
ନିଶି ନିର୍ଜନେ ବିରହୀ ଚକୋରୀ
ରହିଯାଏ କୋଣାର୍କର
ଭଗ୍ନ ନର୍ତ୍ତକୀ ସମ ସ୍ଥିର ମୁଦ୍ରାରେ
ସଂକଳ୍ପବଦ୍ଧ ସେ କର୍ତ୍ତବ୍ୟରତା
ଆଶା ବାନ୍ଧେ ନୀଳ ନବଘନ
ନିଶ୍ଚେ ଦିନେ ଆସିବ ପ୍ରୀତି ଅଗଣାକୁ
ପ୍ରେମର ଫଲଗୁ ନେଇ
ପ୍ରୀତି ମଦିରାରେ ଭିଜେଇ
ଦେବ ଶତକଦମ୍ବର ରୋମାଞ୍ଚ
ମନ ଗାଲିଚାରେ
ବର୍ଷା ଭିଜା ପ୍ରହରେ

ଇନ୍ଦିପଟ୍ଟା, ଗଣିଆ,
ନୟାଗଡ



# ମୋ' ପ୍ରେମ...

**ସୁନୀଲ ନାୟକ**

ଫୁଲ ଦେହରୁ ତୁମେ ବାସ୍ନା ଆଣିଛ
ରୂପେଲି ଜହ୍ନରୁ ଜ୍ୟୋସ୍ନା,
ତୁମ ଓଠେ ମୋର ପ୍ରେମ ଅନୁରାଗ
ଚାହାଣିରେ ଭରେ ତୃଷ୍ଣା ।୧।

ରଖ ମୋତେ ତୁମ ଆଖି ପଲକରେ
ଓଠରେ ନ ହେଲା ନାହିଁ,
ତୁମେ ଯଦି କେବେ ଝୁରିବ ମୋ' ପାଇଁ
ଝରିବି ମୁଁ ଲୁହ ହୋଇ ।୨।

ରଖ ମୋ' ପ୍ରେମକୁ ହୃଦୟେ ସାଇତି
ମଥାରେ ନ ହେଲା ନାହିଁ,
ତୁମେ ଯେବେ ଯେବେ ଆଇନା ଦେଖିବ
ଥିବି ତୁମ ସ୍ମୃତି ହୋଇ ।୩।

ପ୍ରେମାତୁର ପ୍ରେମୀ ତୁମେ ପ୍ରଣୟନୀ
ତରୁ ଡାଳ ମଧୁ ବନେ,
ବଇଁଶୀର ତାନେ ମନ ରୋମାଞ୍ଚିତ
ହୃଦୟରେ ଖାଲି ତୁମେ ।୪।

ଭୁଲିବାକୁ ଯେବେ ଯେତେ ମୁଁ ଚାହିଁଛି
ସେତେ ମନେପଡ ତୁମେ,
ତୁମେ ମୋତେ ଭଲ ପାଅ କି ନ ପାଅ
ରହିଥିବ ମୋର ମନେ ।୫।

କାହିଁ କେତେଦିନୁ ହୃଦୟରେ ମୋର
କରିଅଛ ତୁମେ ଘର,
ଜିଇଥିବା ଯାଏ କହୁଥିବି ମୁହିଁ
ତୁମେ ଏକା ପ୍ରେମୀ ମୋର ।୬।

କେବେ ବୁଝିବ ମୋ' ହୃଦୟ ଦରଜ
ଯନ୍ତ୍ରଣାରେ ଛଟପଟ,
କହିଦିଅ ଥରେ ଭଲ ପାଅ ବୋଲି
ଚାହିଁଛି ତୁମରି ବାଟ ।୭।

ତୁମେ ପ୍ରେମରୂପା ତୁମେ ପ୍ରେମବତୀ
ତୁମେ ଆଦ୍ୟ ତୁମେ ଇତି,
ଜଳି ଜଳି ମୁହିଁ ତୁମ ପ୍ରେମାନଳେ
ଢାଳି ଚାଲିଥିବି ପ୍ରୀତି ।୮।

ପ୍ରେମର ଅନଳେ ଜଳି ଜଳି ଯେବେ
ପାଉଁଶ ହୋଇବି ମୁହିଁ,
ପାଉଁଶ ତଳୁ ବି ଭଲ ପାଉଥିବି
ଜାଣିଥା ଲୋ ଚାନ୍ଦ ମୁହିଁ ।୯।

**ଅସ୍ତରଙ୍ଗ, ପୁରୀ**

# ଛୁଇଁଲା କି ମତେ ପ୍ରେମ

## ସୁହଂସ ଭୋଇ

ଲଳିତା ଗୋ ବିଚଳ ଲାଗଇ ପ୍ରାଣ
ଯେଉଁଦିନୁ ଶ୍ୟାମ କରେ କର ଧରି
ଟାଣି ନେଲେ କୁଞ୍ଜବନ
ଲଳିତା ଗୋ ବିଚଳ ଲାଗଇ ପ୍ରାଣ ।

ଅରୁଚି ଲାଗୁଛି ସୁଆଦ ଭୋଜନ
ବିବଶ ଲାଗୁଛି ମନ
କ୍ଷୁଧା ତୃଷା ବାଞ୍ଛା କାଳାନ୍ତ ହେଲେଣି
ନିଶ୍ୱାସ ଚଳଇ କ୍ଷୀଣ
ବାତୁଳ କରୁଛି ନିଦ୍ରା ମୁଁ ହାରୁଛି
ଶୁଣି ତା' ମୁରଲୀ ସ୍ୱନ
ଲଳିତା ଗୋ ବିଚଳ ଲାଗଇ ପ୍ରାଣ ।

କୁହ ଲୋ ଲଳିତା ସଜନୀ ମୁକୁତା
ଛୁଇଁଲା କି ମତେ ପ୍ରେମ
ଛାଇକୁ ଦେଖିଲେ ଶ୍ୟାମ ଛବି ଦିଶେ
ଦୂର କର ମୋର ଭ୍ରମ
ମାଆ ମାଆ ଡାକ ଶୁଭେ ମାଇଁ ମାଇଁ
ଡାକୁଥିଲେ ଶ୍ୟାମଘନ
ଲଳିତା ଗୋ ବିଚଳ ଲାଗଇ ପ୍ରାଣ

ପଦ୍ମଣ୍ଡି,
ବରଗଡ଼

# ପ୍ରେମର ପରିଭାଷା

**ସୌଦାମିନୀ ସାହୁ**

ପ୍ରେମ ତ ଶାଶ୍ବତ ସଦା ଚିରନ୍ତନ
ପ୍ରେମ ପୂଜା ପରା ଆତ୍ମ ନିବେଦନ
ପ୍ରେମ କାହା ପାଇଁ ପୂର୍ଣ୍ଣ ସମର୍ପଣ
ପ୍ରେମ ପରିଭାଷା ସତରେ ଅନନ୍ୟ।

ପ୍ରେମର ସ୍ବରୂପ କାହ୍ନା ପାଇଁ "ରାଧା"
ପବିତ୍ର ଆତ୍ମାର ଫଲ୍ଗୁ ଧାର ସଦା
ସେ ପ୍ରେମରେ ଦୃଢେ ଧରିଲେ ଭକତ
ଭଗବାନ ଆସେ ନିକଟକୁ ସଦା।

କୋପେ-ତପେ ବର ପ୍ରେମରେ ମିଳେ
ପ୍ରେମରେ ବି ଦଗ୍ଧ ଆତ୍ମଜା ହେଲେ
ପ୍ରେମ ତରଙ୍ଗିଣୀ ପାର ହୋଇଯାଏ
ନାଉରୀଟା ଯଦି ମଙ୍ଗ ସଳଖି ଧରେ।

ପ୍ରେମ ହାରିଯାଏ ଛଳନା ପାଖେ
ସେ ପ୍ରେମ କଳଙ୍କ କାଳିମା ଲିପେ
ପ୍ରୀତିର ପାଖୁଡା ଅକାଳେ ମଉଳେ
ପ୍ରେମକୁ ଯେ ହାଟବଜାରେ ବିକେ।

ପ୍ରେମ ପରିଭାଷା ମାଆଠୁ ଶିଖ
ରାଧାର ଆଖିରୁ ପ୍ରେମ ପରଖ
ପ୍ରେମ ପରିଚୟ ବୀର ହନୁମାନ
ଛାତିଚିରି ଦିଏ ପ୍ରେମର ଦାନ।

ପ୍ରେମ ପୂଜା ହେଉ ମାଆ ମାଟିର
ପ୍ରେମ ସମ୍ମୋହନେ ସତ୍ୟ ବଚନ
ପ୍ରେମ ଥାଉ ଭାଇଭାଇ ଭିତରେ
ପ୍ରେମ ରହୁ ଗୁରୁଶିଷ୍ୟ ପୂଜାରେ।

ଭକତ ପ୍ରେମରେ ଭଗବତ୍ ଦେଖୁ
ମିଥ୍ୟାବାଦ ଶଠ ପ୍ରେମ ନ ଚାଖୁ
ସଂସାର ପବିତ୍ର ଓଁକାର ପ୍ରେମ
ପ୍ରେମ ନିଦର୍ଶନ ଜଗନ୍ନାଥ ନାମ।

ସଫା, ଟାଙ୍ଗୀ,
କଟକ

# ପ୍ରେମ ମନ୍ଦିର



**ଆଶୁତୋଷ ମେହେର**

ପ୍ରେମ ଫଗୁଣରେ ପଳାଶର ହସ
ପ୍ରିୟା ନାଲି ଓଠେ ଗୀତ,
ଦୋଳ ଗୋବିନ୍ଦଙ୍କ ଫଗୁମଖା ଖେଳ
ରାଧା ଲୋଡେ ମନ ମିତ.......||୦||

ଧାରା ଶିରାବଣ ଆଖିଧାର ଲୁହ
ପ୍ରେମର କି ପରିଭାଷା,
କଳା ବାଦଲରେ ବିଜୁଳୀ ଚମକ
ରଙ୍ଗ ଇନ୍ଦ୍ରଧନୁ ଆଶା,
ଲୁଚକାଳି ଖେଳ ଖରା ବରଷାର
କିଛି ମିଛ କିଛି ସତ.......||୧||

ପ୍ରେମ ସମୁଦ୍ରର ଫେଣିଳ ତରଙ୍ଗ
ବେଳାଭୂମି ପାଦଚିହ୍ନ,
ଆଖି ଖୋଜିବୁଲେ ପ୍ରିୟା ଓଠେ ହସ
ଭିଜା ଯଉବନ ମନ,
ପ୍ରେମ ତ ମାନେନା ବାଧା କି ବନ୍ଧନ
ଖରା ମଉସୁମୀ ଶୀତ......||୨||

ପ୍ରେମର ମନ୍ଦିର ମନ ଅଗଣାରେ
ମୁରତି କାହାର ପୂଜା,
ଅଶରୀର ଦେବୀ ନିରାକାର ବ୍ରହ୍ମ
ବାସ ଚନ୍ଦନରେ ସଜା,
ରୂପ ଅରୂପର ଭାବ ବନ୍ଧନ ସେ
ଓଁକାର ଧ୍ୱନିର ଗୀତ........||୩||

**୫୪ ଆର୍ଯ୍ୟପଲ୍ଲୀ**
**କିଟଛକ, ପଟିଆ**
**ଭୁବନେଶ୍ୱର**

# ମନେଅଛି ପ୍ରିୟା ମୋର

## ରମେଶ ଚନ୍ଦ୍ର ମିଶ୍ର



ମନେଅଛି ପ୍ରିୟା ମୋର
ତୁମେ ଦିନେ କହିଥିଲ
ହୃଦୟର ପୁଞ୍ଜିଭୂତ ମୁଗ୍ଧ ଅନୁରାଗେ
ମୁଁ ତମକୁ ଭଲପାଏ, କେତେ ଭଲପାଏ
ତୁମପାଇଁ ଏ ଆଖିରୁ ନିଦ ହଜିଯାଏ,
ପ୍ରାଣର ପ୍ରବାହେ ମୋର
ତୁମ ନାମେ ଅସୁମାରୀ ଶିହରଣ ଜାଗେ ।

ଜଡ଼ାଇ ଧରିଲ ମୋତେ, ଗଳାରେ ଝୁଲିଲ
କାନତଳେ ଫିସ୍ ଫିସ୍ କରି
କେତେ ଗପିଗଲ
ସେଇ ମିଠା ସ୍ମୃତିର ମହକ
ମନେ ପକାଇଲେ
ତୁମପାଇଁ ସ୍ତବ୍ଧ ହୁଏ ଧମନୀର ଗତି,
ଜୀବନରେ କ'ଣ କେବେ ଭୁଲିହୁଏ ?
ମୁଁ ତମକୁ ଭଲପାଏ କେତେ ଭଲପାଏ ।

ତୁମ ଭଲପାଇବାକୁ ମୂଳପୁଞ୍ଜି କଲି
ଆଖିର ନିଦକୁ
ଭାବନାର କୁଶବଣେ ହଜାଇଦେଇ
ସାଗର ବେଳାରେ ବସି
ଲହଡ଼ି ଗଣିଲି

ତୁମଦିଆ ପକ୍ଷୀରାଜ ଘୋଡ଼ା ଚଢ଼ି
ରୂପେଲି ବାଦଲର ଫାଙ୍କେ
ଜହ୍ନ ସହ ଲୁଚକାଳି ଖେଳରେ ମାତିଲି
ନୀଳ ଆକାଶକୁ ଚାହିଁ ଚାହିଁ
ମୁଗ୍ଧ ବିଭୋର ମନେ
କେତେ କେତେ ସପନ ଦେଖିଲି ।

ତୁମେ କେମିତି ଯେ ଲୁଚିଗଲ
ଜହ୍ନ ଭିତରେ ଶଶାଟିଏ ହୋଇ
ମୋ' ଚେତନାର ସବୁତକ ସୂକ୍ଷ୍ମ ସ୍ନାୟୁ
ନୀରବି ଗଲେ, ଜଡ଼ ପାଲଟିଲେ,
ମୋ' ପାଇଁ ହୋଇଗଲେ ଆକାଶର
ଅପହଞ୍ଚ ଛାଇ।

ବିଷାଦର କାଳିମାରେ
ମୁଁ ଏବେ ଗୋଟାପଣେ କଳା
ମୋ' ପ୍ରେମର ପାରାବାର କୁହୁଡ଼ିରେ ଲୁଚେ
ଛିନ୍ନ ବୀଣା, ପ୍ରେମଗୀତି
ମରୁର ଝରଣା
ହୃଦୟର ନିଭୃତରେ ଅବଲୁପ୍ତ ହୁଏ
ମୁଁ ତମକୁ ଭଲପାଏ କେତେ ଭଲପାଏ
ତୁମପାଇଁ ଏ ଆଖିରୁ ନିଦ ହଜିଯାଏ।

ତାପସ କୁଟୀର, ବଇଣ୍ଡା,
ଅନୁଗୋଳ

# ବୁଝେନା ସେ ଏଇ ମନ

ସୁମିତା ବେହେରା ବାପି



ଅଧରରେ ତା'ର ପଳାଶର ବହ୍ନି
ନୟନରେ ଇନ୍ଦ୍ରଧନୁ,
ଶତ କଦମ୍ବର ରୋମାଞ୍ଚ, ତନୁରେ
ବାଜିଲେ ମୋହନ ବେଣୁ।

ପୟର ନୂପୁର ଅଧୀର ଆବେଗେ
ଝଙ୍କୃତ ଆନମନେ,
କିଶୋରୀ ହୃଦୟ ଚୋରାଇ ମୋହନ
ଲୁଚିଗଲେ କେଉଁ ବନେ!

ଆସ ଗୋ ଲଳିତା! ଆସ ଗୋ ବିଶାଖା!
କୁଞ୍ଜ ଦୋଳି ଖୋଲିଦିଅ
ଗଭାରେ ଗଜରା ନୀଳମେଘୀ ପାଟ
ଶୋଭା କି ପାଇବ କୁହ?

ଛଳିଆ ସେ ଶ୍ୟାମ ବୁଝେନା ଦହନ
ତା' ବିନା କେ' କେତେ ଝୁରେ,
ନିତ୍ୟରାସ ପାଇଁ କଥା ଦେଇ ଯିଏ
ଆଉ କା' ପଣତେ ଝରେ।

ଭୁବନେଶ୍ୱର



# ପରିକଳ୍ପନା

ଶୈଳେନ୍ଦ୍ର ନାରାୟଣ ବେହେରା

ତୁମେ କାହା ହୃଦୟର ପ୍ରଶ୍ନବାଚୀ,
କାହା ଅନ୍ତରର ଅଧାପଢ଼ା ଏଲିଜୀ;
ଯାହାକୁ ଅନୁଭବ କରିହୁଏ ସିନା,
ଛୁଇଁ ହୁଏନା କି ଦେଖି ହୁଏନା।

ତୁମେ କାହା ମନର ଅଧାଲେଖା ଉଷ୍ଣତା,
କେଉଁ ପରାସ୍ତ ସୈନିକର କ୍ଷତାକ୍ତ ବିବଶତା;
ଯାହାକୁ କଳି ହୁଏନା କି ଗଣିହୁଏନା,
ଯାହାକୁ ଦେଖି ହୁଏନା କି ପଢ଼ିହୁଏ ନା।

କାହା କବିତାର ଆବେଗ ଭରା ସାନ୍ଦ୍ରତା
କେଉଁ ଅଭିସାରିକାର ତିର୍ଯ୍ୟକ୍ ଭ୍ରୁଲତା;
ଯାହାକୁ ମନେ ରଖି  ହୁଏନା କି ଭୁଲି ହୁଏନା
ଖାଲି ମନେ ରଖି ଥିବାର ନିର୍ବିବାଦ ଛଳନା।

ଭୁବନେଶ୍ୱର

# ପ୍ରେମ

ଗାୟତ୍ରୀ ବେହୁରା



ପ୍ରେମ କେବେ ଚାହେଁନାହିଁ
କରିବାକୁ ମୂଲ୍ୟାଙ୍କନ ତା'ର।
ପ୍ରେମ କେବେ କରେନାହିଁ
ପ୍ରଣୟର ଅନ୍ତିମ ସ୍ୱାକ୍ଷର।
ପ୍ରେମ କେବେ ଦିଏନାହିଁ
ଜୀବନରେ ଧୋକ୍କାର ପ୍ରଲେପ।
ପ୍ରେମ ଦେଇପାରେନାହିଁ
ଆନନ୍ଦରେ ଲୋତକର ଛାପ।
ପ୍ରେମ ସ୍ୱପ୍ନସାଗରରେ
ଅଗଣିତମୁକ୍ତା,
ପ୍ରେମ ଚିନ୍ତା ମରୁଦ୍ୱାନେ
ସବୁଜିମା ଛିଟା,
ପ୍ରେମ ଜୋସ୍ନା ନିଶିଥର
ଶୀତଳ ଚୁମ୍ବନ,
ପ୍ରେମ ଅଟେ କୁମୁଦର
କୋହଭରା ମନ।

କୃଷ୍ଣଚୂଡ଼ା ଅନ୍ତରର
ଅକୁହାକାହାଣୀ,
ଶେଫାଳିର ବ୍ଯଥାତୁର
ଜୀବନ ବିପଣି,
ପ୍ରେମ ଭିଜେ ଅନ୍ତରର
ଗଭୀର ପ୍ରଦେଶେ,
ଆପଣା ମଣିଷ ପାଶୁ
ଟିକେ ସ୍ନେହ ପାଇବାର ଆଶେ।
ପ୍ରେମ ରଚେ ସମ୍ପର୍କର
ନୂଆ ଇତିହାସ,
ମନତଳ ଉପବନେ
ଆନମନା ହୃଦୟର
ନିବିଡ ଆଶ୍ଲେଷ।

କଟକ



# ତୁମ ପ୍ରେମର ଛୁଆଁ

ଡା: ବିଧୂତ୍ ଶେଖର ମିଶ୍ର

ତୁମେ ଛୁଇଁ ଦେଲା ପରେ
ନୀଳ ଆକାଶରେ
ମେଘ ଢାଙ୍କିଦେଲା
ପର୍ବତ ଶିଖରରେ
ମୟୂର ନାଚିଲା
ଇନ୍ଦ୍ରଧନୁର ସାତ ରଙ୍ଗ
ପ୍ରେମ ଭରିଦେଲା ॥

ତୁମେ ଛୁଇଁ ଦେଲା ପରେ~
ଶ୍ରାବଣରେ
ଫଗୁଣ ଆସିଲା
ପାଗଳ ଜହ୍ନଟା
ମୁରୁକି ହସିଲା
ଉଷୁମ ଚାଦର ତଳେ କିଏ
ପ୍ରେମର ଜ୍ୟୋସ୍ନା  ଭରିଦେଲା !!

ତୁମେ ଛୁଇଁ ଦେଲା ପରେ~
ଅଙ୍କା ବଙ୍କା ରାସ୍ତାଟା
ସଳଖ ଦିଶିଲା
ଥୁଣ୍ଟା ଗଛଟିରେ
ନୂଆ ପତ୍ର କଅଁଳିଲା
ଅଧୁରା ପ୍ରେମର ସପନ
ସବୁ ସତ ପାଲଟିଲା !!

ତୁମେ ଛୁଇଁ ଦେଲା ପରେ
ବିଶ୍ୱାସ ଓ ନିଃଶ୍ୱାସ
ଏକ ହୋଇଗଲା
ଆବେଗ ଓ ଅନୁଭବ
ଶିହରି ଉଠିଲା
ପ୍ରେମର ଅସୀମ ତୃପ୍ତି
ପ୍ରାପତ ହୋଇଲା !!!

ତୁମେ ଛୁଇଁ ଦେଲା ପରେ~
ଭାବ ସାଥେ ଶବ୍ଦର
ମିଳନ ଘଟିଲା
ଉପମା ଓ ଅଳଙ୍କାର
ମନ ମୋହିଦେଲା
ଛନ୍ଦବଦ୍ଧ କବିତା ମୋ'
ଜୀବନ୍ତ ଦିଶିଲା
ପ୍ରେମର ପ୍ରକୃତ ସଜ୍ଞା
ନିରୁପିତ ହେଲା !!!

ପାରଳାଖେମୁଣ୍ଡି

# ପ୍ରେମ

**ରମାକାନ୍ତ ଦାସ**

ପ୍ରେମ,
କେବେ ଅକୁହା ମନର ଆଲୋକ
କେବେ ମନ ବନଫୁଲ ମହକ ।।

ପ୍ରେମ,
କେବେ ମନର ଅଲେଖା ସ୍ପନ୍ଦନ
କେବେ ସୁନାଝରା ମେଞ୍ଚାଏ ସପନ।।

ପ୍ରେମ,
କେବେ ସାଗର ପରି ଗଭୀର
କେବେ ଅଭିମାନ, କେବେ ଅନ୍ଧାର ।।

ପ୍ରେମ,
କେବେ ସଂଜ୍ଞାହୀନ ପରିଭାଷା
କେବେ ବିରହ ଅଗ୍ନିର ବର୍ଷା ।।

ପ୍ରେମ,
କେବେ ଭାବନା ଦୁଇମନର
କେବେ ପ୍ରତାରଣାର ସହର ।।

ପ୍ରେମ,
କେବେ ଦୁଇଟି ହୃଦୟ ମିଳନ
କେବେ ଶ୍ୱାଶତ, କେବେ ଚିରନ୍ତନ।।

ପ୍ରେମ ,
କେବେ ଅସମ୍ପୂର୍ଣ୍ଣ କାହାଣୀ
କେବେ ବିଷାଦର ରାଗିଣୀ ।।

ପ୍ରେମ ,
କେବେ ଅଭୁଲା ସ୍ମୃତିର ସ୍ମାରକ
କେବେ ପ୍ରୀତିର ପହିଲି ପୁଲକ ।।

ପ୍ରେମ ,
କେବେ ଅଭିମାନର ଲୁହ
କେବେ ଅକୁହା ମନର କୋହ ।।

ପ୍ରେମ,
କେବେ ଚୋରା ଚଇତିର ବାସ୍ନା
କେବେ ବିରହର ବେଦନା ।।

ପ୍ରେମ ,
କେବେ ଚନ୍ଦ୍ରମାର ଶୀତଳ କିରଣ
କେବେ ଭାଙ୍ଗିଯାଇଥିବା ରାଣ ।।

ପ୍ରେମ ,
କେବେ ଅତୀତର ପ୍ରତିଶ୍ରୁତି
କେବେ ସ୍ମିତହାସ୍ୟପୂର୍ଣ୍ଣ ଶଶୀ ।।

**ଉତ୍କଳ ବିଶ୍ୱବିଦ୍ୟାଳୟ,**
**ବାଣୀବିହାର, ଭୁବନେଶ୍ୱର**

# କେମିତି ଅଛ ମଧୁମିତା



**ସନ୍ୟାସୀ ନାୟକ**

କେମିତି ଅଛ ମଧୁମିତା
ତୁମକୁ ଯେବେ ବି ଭାବିଲେ
କବିତା କବିତା ,
ତୁମେ ନଇଁ ପଡିଲେ
ଆକାଶ ଓହ୍ଲାଇ ଆସେ ମର୍ତ୍ତ୍ୟକୁ....
ସ୍ବର୍ଗରେ ଶୂନ୍ୟତା ଶୂନ୍ୟତା ....
ତୁମେ
କେମିତି ଅଛ ମଧୁମିତା ?

ଈଶ୍ୱରଙ୍କ ତୁମେ
ଅନବଦ୍ୟ ସୃଷ୍ଟି
ପାବନର ଗଙ୍ଗା ମାତା ..
ତୁମ ଅଛୁଆଁ ସ୍ପର୍ଶରେ
ଭାବନା ମୋ' ଅନ୍ତଃସତ୍ୱା

ଘା' ଦରଜର
ଔଷଧୀୟ ପ୍ରଲେପ
ତୁମେ ମିଠା ମିଠା କଥା ....
ଆନମନା ମନରେ
କାହିଁକି କୁହ
ଏତେ ବ୍ୟାକୁଳତା ...
ତୁମେ
କେମିତି ଅଛ ମଧୁମିତା ?

ତୁମ ଲାଗି ହୃଦୟରେ
ଯୋଜନ ଯୋଜନ ଶୂନ୍ୟତା ...
ଥରୁଟିଏ ଦେଖିବାକୁ
ଯୁଗ ଯୁଗର ବ୍ୟାକୁଳତା ...

ତୁମେ ଯେଉଁଠି ଥାଅ
ଭଲରେ ଥାଅ ,
ତୁମ ପ୍ରେରଣାରେ ମୁଁ କବି
ତୁମେ ମୋ' କବିତା ...
ଯେବେ ବି ଭାବିଲେ ତୁମକୁ
କେବଳ କବିତା କବିତା .....
ତୁମେ
କେମିତି ଅଛ ମଧୁମିତା ?

**ଚକ୍ଷୁ ଚିକିତ୍ସା ସହାୟକ**
**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପୁରୀ**

# ପ୍ରେମ

**ସନ୍ତୋଷିନୀ ଦାଶ**



ପ୍ରେମ ଅଟେ ଏକ ସ୍ବର୍ଗୀୟ ଚେତନା
ସ୍ୱତଃସ୍ଫୁର୍ତ୍ତ ନିର୍ଝରିଣୀ
ହୃଦୟ କନ୍ଦରୁ ସୃଷ୍ଟି ହୋଇ ଅନ୍ୟ
ମନକୁ ନିଅଇ କିଣି

ପ୍ରେମ ପ୍ରବାହରେ ହୃଦୟ ଭିତରେ
ବହଇ ମଧୁ ମଳୟ
ଶୁଷ୍କ ମନ ତରୁ ହୁଏ ସ୍ନେହସିକ୍ତ
ପଲ୍ଲବିତ କିଶଳୟ

ମେଘାଚ୍ଛନ୍ନ ଆକାଶରେ ସେ ଦେଖଇ
ପୂର୍ଣ୍ଣ ପୂର୍ଣ୍ଣିମାର ଇନ୍ଦୁ
ଶୀତଳ ଜ୍ୟୋସ୍ନାରେ ଭିଜି ଅନୁଭବେ
ପ୍ରେମସିନ୍ଧୁର ସେ ବିନ୍ଦୁ

ଅମର ପ୍ରେମର ସ୍ମାରକୀ ସଦୃଶ
ରହିଛି ତାଜମହଲ
ପ୍ରେମିକ ହୃଦୟେ ପ୍ରେମିକାର ସ୍ମୃତି
ଏବେ ସୁଦ୍ଧା ଝଲ ମଲ

ସ୍ବର୍ଗୀୟ ପ୍ରେମକୁ ମାରି ଦେଇଯିଏ
କରିଥାଏ ପ୍ରତାରଣା
ସେହି ସ୍ବାର୍ଥପର ବ୍ୟକ୍ତି କେବେ ହୋଇ
ନ ପାରେ ମଣିଷେ ଗଣା

କୀଟ ପତଙ୍ଗରୁ ତରୁଲତା ଯାଏ
ସଭିଏଁ ପ୍ରେମରେ ବନ୍ଧା
ବିଭୁ ପ୍ରେମେ ଯିଏ ବାନ୍ଧି ହୋଇଯାଏ
ଜୀବନଟି ମଧୁଛନ୍ଦା

ବରଗଡ଼

# ପ୍ରେମ

**ବିଶ୍ୱନାଥ କର**

ପ୍ରେମର ଆରମ୍ଭ ଏକ ମିଠା ମିଠା ସୁନ୍ଦର ମିଛରୁ
ଏକ ଶ୍ରୁତି ମଧୁର ଆହ୍ଲାଦିତ ମିଛର ଶବ୍ଦକୋଷରୁ
ପ୍ରେମ କବିତା ଲେଖା ହୁଏ
ସୁନ୍ଦର ମିଛର ଧାର କରା ମିଛ ସ୍ମୃତିରୁ।

ପ୍ରେମର ମୁଖବନ୍ଧ ଲେଖେ
ଡେଣା ଝାଡି ଉଡୁଥିବା ରାତି
ମିଠା ମିଠା ଶବ୍ଦରୁ ଝରୁଥାଏ ହୀରା ନୀଳା ମୋତି।
ବନ୍ଦ ଆଖିରେ ବି ଝଲସେ କଥା କୁହା ଛବି
କେତେବେଳେ ଜହ୍ନ ରୁଷେ
କେତେବେଳେ ଅନ୍ତରୀକ୍ଷରେ
ଅନ୍ଧାର ରାତି ବି ଉଜ୍ୱଳ ଦିଶେ।

ପ୍ରେମ ଏକ ସପନର ବିକିରଣ
ଚାଟୁକାରିତାର ମିଠାଜହର ଦହନ
ଫଗୁଣର କାବ୍ୟିକ ଉଚ୍ଚାରଣ
ତାନପୁରାର ଧୂନ୍
ମହୁମାଛିର ଗୁଞ୍ଜନ
ବିଛନ୍ଦ କବିତାର ଶୀର୍ଷକ ପ୍ରେମର କଥା ଉପକଥା
ହୃଦୟର ଅବୁଝା ବ୍ୟଥା।

ହୃଦୟ କହେ ହୃଦୟ ଶୁଣେ
ଲିପିବଦ୍ଧ ଆଖିରେ ଛାତିରେ ପ୍ରଘଣ୍ଟା ରକ୍ତର ଭାଷା
ପ୍ରେମ ଏକ ଅଦିନିଆଁ ବର୍ଷା
ଅଜଣା ବାଟରେ ଚାଲିବାର ନିଶା
ନିଶାସକ୍ତ ଫଗୁଣର ମିଛ ପରିଭାଷା।

ପ୍ରେମର ଆରମ୍ଭ ଜହ୍ନର ଛାଇରୁ
ତାରାର ମାୟାବୀ ହସରୁ
ପ୍ରେମର ପ୍ରାରମ୍ଭ କାନଭାସର କୃଷ୍ଣଚୂଡ଼ା ଛବି
ପ୍ରେମର ଆରମ୍ଭ ଇନ୍ଦ୍ରଧନୁର ଇନ୍ଦ୍ରଜାଲ
ମନଭିତରେ ଭାସମାନ ମେଘର ଚିତ୍ରିତ ବାଦଲ
ଦରଫୁଟା ରଙ୍ଗ ଭିଜା କରବୀ।

ସୁନ୍ଦର ମିଛର ମିଠା ଆଶ୍ୱାସନା
ତିଆରି କରେ ପ୍ରେମ
ହୃଦୟର କିଛି ଅକୁହା ସ୍ପନ୍ଦନ
ତିଆରି କରେ ନିଜ ଅଭିଧାନ
ଓଦା ଓଦା ଜୋଛନାର ସୀମାରେଖା ଡେଇଁ
ପ୍ରେମ ରଥ ତିଆରି କରେ ସୁନ୍ଦରୀ କଇଁ।

ସାଇ କଲୋନୀ, ଦେଉଳସାହି,
ତୁଳସୀପୁର, କଟକ

# ପ୍ରେମ

**କଳ୍ପନା ମିଶ୍ର**



ଚାନ୍ଦିନୀ ପଖଳା ମଧୁ ଯାମିନୀରେ
ବିରହି ପ୍ରେମିକା ସାଜି
ମିଛଟାରେ କାହିଁ କାନ୍ଦିବି କା ପାଇଁ
ଅସରା ଲୁହରେ ଭିଜି।

ପ୍ରେମ ପାରିଜାତ ତୋଳି ପାରିବିନି
ପ୍ରେମିକାଟେ ହେବା ପାଇଁ
ପ୍ରୀତିର ଗଜଲ ଗାଇବି ନାହିଁ ମୁଁ
ମିଠା ସ୍ୱର ତାଳ ଦେଇ।

ପାଦରେ ପାଉଁଜି ଲଗାଇବି ନାହିଁ
ଛମ୍ ଛମ୍ ଶବ୍ଦ ପାଇଁ
ସେ ଶବ୍ଦେ ଆତୁର ହେବ କାଳେ କିଏ
ପ୍ରେମିକ ମୋ' ହେବା ପାଇଁ।

ଅଢେଇ ଅକ୍ଷର ହେଲେ ବି ସେ ପ୍ରେମ
ବଡ଼ ବେଦରଦୀ ଅଟେ
କୂଳ ମିଳିବନି ଥଳ ମିଳିବନି
ଲଗାଇବ କେଉଁ ଘାଟେ।

ହରିପୁର, ସୁକିନ୍ଦା,
ଯାଜପୁର

# ପ୍ରେମର ରୂପ



**ଜ୍ୟୋତିପ୍ରଭା ପଟ୍ଟନାୟକ**

ପ୍ରେମ ବୋଲି ଯେଉଁ ଅଢେଇ ଅକ୍ଷର
ଅର୍ଥ ତା' ଅନେକ ଅଛି
ପ୍ରେମରେ ବଞ୍ଚିବା ପ୍ରେମେ ବଞ୍ଚାଇବା
ପ୍ରେମ ହୃଦୟର ପୁଞ୍ଜି।
ପ୍ରେମ ପାଠ ପାଇଁ ବିଦ୍ୟାଳୟ ନାହିଁ
ହୃଦୟ ପ୍ରେମ ସଦନ
ପ୍ରେମ ଅଗଭୀର ଗଭୀରତା ତା'ର
ମାପିବା ବଡ଼ କଠିନ।
ଆଖିରେ ଆଖିରେ ପ୍ରେମ ହୋଇଯାଏ
ନାହିଁ ଦିନ, ମାସ, ବର୍ଷ
ଅଜଣା ପୁଲକେ ରୋମାଞ୍ଚ ଶରୀର
ପ୍ରେମ ସମୟ ସର୍ବସ୍ୱ।
ପତିପତ୍ନୀ ପ୍ରେମ ଶାଶ୍ୱତ ଅଟଇ
ଦାମ୍ପତ୍ୟ ପ୍ରେମ ବନ୍ଧନ
ପିତାମାତା ପ୍ରେମ ମମତା ବନ୍ଧନେ
ପୁତ୍ରକନ୍ୟା ତା' ସନ୍ତାନ।
ଭାଇଭଉଣୀର ଅନାବିଳ ପ୍ରେମ
ରାକ୍ଷୀ ଅଟେ ତା'ର ସାକ୍ଷୀ
ବନ୍ଧୁ ପରିଜନ ଧର୍ମ ପ୍ରେମ ଡୋର
ବନ୍ଧନ ଥାଆନ୍ତି ରଖି।
ଐଶ୍ୱରୀୟ ପ୍ରେମ ସ୍ୱର୍ଗୀୟ ସୁଷମା
ପ୍ରେମମୟ ସୁଧାଧାରା
ସେ ଅମୃତ ଧାରା ଯିଏ ପାନ କରେ
ଆନ ପ୍ରେମ କିବା ଲୋଡ଼ା।
ଦୈହିକ ପ୍ରେମର ଅଳିକ ସୁଖକୁ
ସରଗ ସୁଷମା ମଣି
ପିତାମାତା ଭାଇ ବନ୍ଧୁ ପରିଜନ
ତେଜି ହୃଦ ହୁଏ ହାଣି।
ପ୍ରେମ ଫଳ ଦିଶେ ଉପର ସୁନ୍ଦର
ଭିତର ମହାକାଳ ଫଳ
ହାତେ ମାପି ଯଦି ଚାଖଣ୍ଡେ ଚାଲିବ
ପ୍ରେମରେ ହେବ ସଫଳ।
ପ୍ରେମ ଚିକିଟାରେ ପାଦ ପଡିଗଲେ
ଦିବସ ହୋଇବ ନିଶି
ନ ବୁଝି ନ ଶୁଝି ପ୍ରେମ କରୁଥିଲେ
ପ୍ରେମ ହେବ ସର୍ବଗ୍ରାସୀ।

ଖୋର୍ଦ୍ଧା

# ପ୍ରେମ

**ଡକ୍ଟର ଚପଳା ପଣ୍ଡା**



ଯଉବନ ଭରା ପ୍ରଥମ ପାହାଚ
ନଈ କୂଳ ବଣ ଘାସ,
ତୁମେ ଥିଲ ସାଥୀ ପାଖେପାଖେ ମୋର
ବିଞ୍ଚୁ ଥିଲ କଥା ରସ।
କାଇଁଚକୁ ରଖି ଗାଲରେ ମୋହର
କଳାଜାଇ କହି ଦେଲ,
ଫଗୁଣରେ ଫଗୁ ବୋଳିଦେଇ ସାଥୀ
ସିନ୍ଦୂରର ଆଶା ଦେଲ।
ରାଧାକୃଷ୍ଣ ମୂର୍ତ୍ତି ଦେଇଥିଲ ପରା
ବୁଝିବାକୁ ପ୍ରେମ ଛନ୍ଦ,
ମଞ୍ଜୁଆତି ପତ୍ର ଦେଇଥିଲ ବନ୍ଧୁ
ରଙ୍ଗେଇବି ହାତ ପାଦ।
ଦେଇଥିଲ ମୋତେ ଝର କଲମଟେ
ଲେଖିଦେବି ପ୍ରେମ ପତ୍ର,
ଗୋଲାପ କଢ଼ିକୁ ବଢ଼ାଇ କହିଲ
ଭଲ ପାଅ କେତେ ମିତ।

ପୋଇଫଳ ଚିପି ଓଠରେ ମୋହର
ବୋଳି ଦେଇଥିଲ ନାଲି,
ରଙ୍ଗ ଅଧରର ହସ କି ସୁନ୍ଦର
କହିଥିଲ ଆଖି ମାରି।
ଘନ କୁନ୍ତଳରେ ଜହ୍ନି ଫୁଲ ଗୋଟେ
ଖୋସି ଦେଲ ସଞ୍ଜ ବେଳେ,
କଳା ବାଦଲରେ ବିଜୁଳି ପରାୟେ
କହିଦେଲ ଉପମାରେ।
ଲେମ୍ବୁ ଚୋପା ଚିପି ଆଖିରୁ ମୋହର
ବାହାର କରିଲ ପାଣି,
କହିଥିଲ ପରା ପ୍ରେମ କରୁଥିଲେ
ଲୁହ କେବେ ଶୁଖିବନି।
ପ୍ରେମ ପ୍ରଣୟ ଯେ ପୂର୍ଣ୍ଣଛେଦ ନୁହେଁ
କମା ପରି ରହିଥାଏ,
ଦୀର୍ଘଶ୍ୱାସ ଛାଡ଼ି ବନ୍ଦୀ ଫରୁଆରେ
ରୁନ୍ଧି ହୋଇ କାନ୍ଦୁଥାଏ।
ଆଜି ମୁଁ ବୁଝୁଛି ପ୍ରେମ ପରିଭାଷା
ଗଦ୍ୟ ପଦ୍ୟ ଖଣ୍ଡ କାବ୍ୟ,
ପ୍ରେମ ଶବ୍ଦ ଏକ ନିଆରା ଚିନ୍ତନ
ସତ୍ୟ ଚିରନ୍ତନ ଧ୍ରୁବ।

**ଖୋର୍ଦ୍ଧା**

# ପ୍ରେମ ଦିବସ

ବନ୍ଦନା ମହାପାତ୍ର

ପ୍ରେମ ଏକା ସାର ପ୍ରେମରେ ସଂସାର
ପ୍ରେମରେ ବନ୍ଧା ଜଗତ,
ପ୍ରେମ ହିଁ ଶାଶ୍ୱତ ଯାବତ ଜୀବନ
ପ୍ରେମ ଚିରନ୍ତନ ସତ୍ୟ ||
ପ୍ରେମରେ ରହିଛି ଅମୃତର ଝର
ପ୍ରେମ ଜାହ୍ନବୀର ଧାର
ଜଣେ କାନ୍ଦୁଥିଲେ ଅନ୍ୟର ଆଖିରୁ
ବହୁଥିବ ସଦା ନୀର ||
ପ୍ରେମ ନୁହେଁ ବନ୍ଧୁ ଦୈହିକ ମିଳନ
ଦୁଇଆତ୍ମା ସ୍ପନ୍ଦନ ରାହା,
ଜଣେ ଅନ୍ୟ ପାଇଁ ନିଜକୁ ତ୍ୟାଗରେ
ଦୁଃଖରେ ସୁଖରେ ସାହା ||
ପ୍ରେମ ତ କଦାପି ଭାବ ନାହିଁ ସାଙ୍ଗ
ପ୍ରତିଶ୍ରୁତି ପ୍ରତାରଣା
ପ୍ରେମର ଠିକଣା ଯୁଗଯୁଗ ପାଇଁ
ନୋହିବଟି ବାଟବଣା |

ଯେଉଁଠି ଖୋଜିବ ପ୍ରେମର କାହାଣୀ
କାଳେକାଳେ ପୋଥି ଲେଖା
ପ୍ରେମ ସୁମନରେ ସୁଗନ୍ଧିତ ହେଉ
କରିବାନି ଅଣଦେଖା ||
ପ୍ରେମଶବ୍ଦ ବହେ ପ୍ରେମିକ ପ୍ରେମିକା
ପତିପତ୍ନୀ ସୁସମ୍ପର୍କ
ମାତାପିତା ଗୁରୁ ଗୁରୁଜନ ସେବା
ପ୍ରକୃତ ପ୍ରେମର ଲକ୍ଷ୍ୟ ||
ସଭିଙ୍କୁ ନିଜର କର ହେ ପ୍ରେମରେ
ଅକ୍ଷମଙ୍କୁ କର ପ୍ରେମ
ଦେଶବାସୀ ସେବା ସ୍ୱାର୍ଥକୁ ଆହୁତି
ପ୍ରକୃତ ପ୍ରେମର ଧର୍ମ ||

# ପ୍ରିୟତମା

ମାନଗୋବିନ୍ଦ ବାରିକ୍

ପ୍ରିୟତମା ତୁମ- ପ୍ରେମ- ଆକାଶରେ
ସାତରଙ୍ଗ ଦୋଳିଖେଳେ,
ପ୍ରୀତି-ସପ୍ତରଙ୍ଗ ଇନ୍ଦ୍ରଧନୁ-ରଙ୍ଗେ
ପ୍ରଣୟର ରଙ୍ଗବୋଳେ।

ଶୁଖେଇଲେ ମୁହଁ ପଉଷ-ଆକାଶେ
ଆଷାଢର କଳାମେଘ,
ରାଗରେ ତୁମର ଜ୍ୟେଷ୍ଠର-ଡହକ
ବୈଶାଖ-ଗ୍ରୀଷ୍ମ ନିଦାଘ।

ଖୁସିଥିଲେ-ମନ ଉଆଁସ-ରାତିରେ
ଚଇତି-ଚାନ୍ଦିନୀ ଖେଳେ,
ରୁଷିଗଲେ ତୁମେ ତାରା-ଲୁଚିଯାଏ
ବାଦଲ-ଚାନ୍ଦୁଆ ତଳେ।

କୃଷ୍ଣଚୂଡା-ହସେ ବସନ୍ତ-ମଳୟ
ଫଗୁଣ ଜହ୍ନ-ଜୋଛନା,
ଫୁଲେଇଲେ ମୁହଁ ପାର୍ବଣ-ଋତୁରେ
ଶ୍ରାବଣୀ-ଲୁହର ବନ୍ୟା।

ମଉନେ ବସିଲେ ସୂର୍ଯ୍ୟଲୁଚିଯାଏ
ହେମନ୍ତରେ ଘୂର୍ଣ୍ଣିଝଡ଼,
ଅଭିମାନେ ତୁମ ଆଶ୍ୱିନ୍ୟ-ଅରଣ୍ୟେ
ମଧୁ-ମଲ୍ଲିକାର କଢ଼।

ଉଦାସୀ-ଆଖିରୁ ଲୁହ ଝରିଗଲେ
ମାଘର ଉହ୍ଲେଇ ଜଳେ,
ଭୋଦୁଅ-ଖରାର ଉଷୁମ-ତାତିରେ
ଶୀତର କମ୍ପନ ତୋଳେ।

ପୁଣ୍ୟ-ମାର୍ଗଶିର ସାତ୍ୱିକ-କାର୍ତ୍ତିକେ
ପ୍ରୀତି-ପ୍ରୟାସର ତୃଷ୍ଣା,
ଶାଶ୍ୱତ-ପ୍ରେମର ସିକ୍ତ-ଶିଶିରରେ
ଶ୍ୱେତ-କେତକୀର ବାସ୍ନା।

ପ୍ରତାରଣା ତୁମ ମରୁ-ମୃଗତୃଷ୍ଣା
ଜଳନ୍ତା-ଉତ୍ତପ୍ତ ବାଲି,
ହୃଦ-ପାନ୍ଥଶାଳା କାନ୍ଥ-ଲିଭିଯାଏ
ସ୍ମୃତି ହୁଏନାହିଁ ଭୁଲି।

ବାସ-ଶ୍ରେୟା, ୭୫-ବି.ଡି.ଏ. କଲୋନୀ, ଫେଜ୍-୧,
ପୋଖରୀପୁଟ, ଭୁବନେଶ୍ୱର



# ଏଇ ବୋଧେ ପ୍ରେମ

**ଆରତି ମଞ୍ଜରୀ ଦାଶ**

ହଜେଇ ଦେବା ନିଜର ଆତ୍ମସତ୍ତାକୁ
ଆଉ କାହାର ବ୍ୟକ୍ତିତ୍ୱ ତଳେ
ହୁଏତ ଭଲ ପାଇବା --- ,
ଆନୁଗତ୍ୟର ଉପତ୍ୟକା
ବୋଧ ହୁଏ ଭଲ ପାଇବା --।
ବଞ୍ଚିବା ପାଇଁ ଜୀବନ,
କାହା ଉପରେ ଭରସି ରହିବା
ହୁଏତ ପ୍ରେମ --,
ଜୀବନର ମୁଖ୍ୟ ଉପାଦାନ
ମନେହୁଏ ପ୍ରେମ -।
ଲାଗେ, ଜୀବନକୁ ନିରାପଦ
ମଣୁଥିବା ସତ୍ତା ଟିକକ
ତା'ର ଠିକଣା ---,
ଉପକାରର ପ୍ରଶସ୍ତ ପ୍ରାବରଣ
ତଳେ,ଖୁବ୍ ଯତ୍ନରେ ସାଇତା
ସେ ଦୁର୍ମୂଲ୍ୟ ତତ୍ତ୍ୱ -- ।

ବିକଳ ମନର କ୍ଷୁଧା ନୁହେଁ,
ଉନ୍ମୁକ୍ତ ଶୃଙ୍ଗାର ନିବେଦନ ନୁହେଁ
ଜୀବନର ପୂର୍ଣ୍ଣତା ପ୍ରତିଷ୍ଠା ପାଇଁ
ଈଶ୍ୱର ଦତ୍ତ ଏକ ସ୍ୱର୍ଗୀୟ ବିଭାବ--,
ବୋଧେ ସେ ପ୍ରେମ
ବିଶ୍ୱର ଶ୍ରେଷ୍ଠ ବିତ୍ତ।
ଅପୂର୍ଣ୍ଣ ମରଣଶୀଳ ଜୀବନକୁ
ସାର୍ଥକ ସୁନ୍ଦର ସମ୍ପୂର୍ଣ୍ଣ
ଯିଏ କରିପାରେ ସମ୍ଭବତଃ
ସେ ହିଁ ଭଲ ପାଇବା --।
ନୁହେଁ କାମନା, ନୁହେଁ ଆକାଂକ୍ଷା
କିମ୍ବା ପ୍ରଣୟ,
ବୀଜ ବିକ୍ଷେପ ହିଁ ପୌରୁଷେୟ,
ତା' ପାଇଁ ହୁଏତ ଆତ୍ମସମର୍ପଣ, ପ୍ରେମ
ସୃଜନଶୀଳତା, ରକ୍ଷଣଶୀଳତା
ପାଳନ କ୍ଷମତା,
ଗଢ଼ି ତୋଳିବାର ସମର୍ଥ ଭାବନା
ଏ ସବୁ ପ୍ରକୃତିର ଧର୍ମ,
ସେଇ ଦୃଢତା ନେଇ
ପ୍ରତିଷ୍ଠା ଲଭେ ପ୍ରେମ
ତା'ର ନଥାଏ ଅନ୍ତ,
ପୂର୍ଣ୍ଣତା ପାଇଯାଏ
ବୈଧାତୃ ଲୀଳା ମାତ୍ର।

ଗୁରୁଜଙ୍ଗ,
ଖୋର୍ଦ୍ଧା

# ପ୍ରେମ ଅଢ଼େଇ ଅକ୍ଷର

ସଂଯୁକ୍ତା ଚମ୍ପତିରାୟ

ପ୍ରେମ ଅଢେଇ ଅକ୍ଷର
ପୁଣି ସୁର ଜୀବନର
ପ୍ରେମ ବିନା କିଛି ନାହିଁ
ମୂଲ କେଉଁ ସଙ୍ଗୀତର।
ପ୍ରେମ ଚିରନ୍ତନ ସତ୍ୟ
ପୁଣି ଅଟଇ ଶାଶ୍ୱତ
ପ୍ରେମ ହୀନ ଜୀବନରେ
ସବୁ ମିଛ ଏ ଜଗତ।
ପ୍ରେମ ରାଇଜେ ସପନ
ସବୁଠୁ ଅଟଇ ମିଠା
କେବେ ଲିଭେନା ମନରୁ
ସତେକି ଲାଗିଛି ଅଠା।

ସଂସାର ସାଗର ପାଇଁ
ପ୍ରେମର ନଉକା ଲୋଡ଼ା
ପ୍ରେମ ବିନା ଜୀବନଟା
ହୋଇବ ପୁରା ଅଲୋଡ଼ା
ତୁମେ ଆକାଶେ ସୁରୁଜ
ମୁଁ ସୂର୍ଯ୍ୟମୁଖୀ ତୁମ
ତୁମେ ଚନ୍ଦ୍ରର ଜୋଛନା
ମୁଁ କୁମୁଦ କୁସୁମ।
ତୁମେ ବଂଶୀଟିଏ ହେଲେ
ମୁଁ ସେ ବଂଶୀର ତାନ।
ତୁମେ ଗୀତଟିଏ ହେଲେ
ମୁଁ ସଙ୍ଗୀତର ଧୂନ ।
ସବୁଠାରୁ ବେଶି ମିଠା
ଜଗା କାଳିଆର ପ୍ରେମ
ସେଇ ପ୍ରେମ ମିଳିଗଲେ
ଏ ଜୀବନ ହେବ ଧନ୍ୟ।

# ପ୍ରେମ

**ସତ୍ୟରଞ୍ଜନ ସ୍ୱାଇଁ**

ଯେଉଁ ରାସ୍ତା ଦେଇ ତୁମେ ଚାଲିଯାଅ
ମନଖୋଲି ପ୍ରେମ ହସେ
ତୁମ ଗାଁ ପବନ ଆମ ଗାଁ ଆସିଲେ
ପ୍ରେମର ମହକ ବାସେ
ତୁମ ନଈ ତୁଠ ପ୍ରେମ ପାଣି ଆସି
ଆମ ନଈ ତୁଠେ ଭାସେ
ଯେଉଁ ରାସ୍ତା ଦେଇ.................. ୧

ଗୋଲାପ କଢ଼ିକୁ ତୁମେ ଛୁଇଁଦେଲେ
ଫୁଲଟିଏ ହୋଇ ଫୁଟେ
ତୁମରି ପ୍ରେମରେ ହୃଦୟ ଗୋଲାପ
ମଧୁମୟ ହୋଇ ଲୁଟେ
ଅଧା ଜହ୍ନରାତି ତୁମକୁ ଦେଖିଲେ
ପୂର୍ଣ୍ଣ ଜହ୍ନ ପରି ଦିଶେ
ଯେଉଁ ରାସ୍ତା ଦେଇ.................. ୨

ହସ ତୁମ ହୀରା ହୃଦୟ ତ ମୋତି
ମାଣିକ ତୁମେ ମୋ' ପାଇଁ
ସରଗର ସୁଖ ଲୋଡ଼ା ନାହିଁ ମୋର
ତୁମକୁ ପାଖରେ ପାଇ
ତୁମେ ତ ମୋ' ପାଇଁ ଅମୂଲର ମୂଲ
ପ୍ରେମରେ ସଂସାର ବସେ
ଯେଉଁ ରାସ୍ତା ଦେଇ ତୁମେ ଚାଲିଯାଅ
ମନଖୋଲି ପ୍ରେମ ହସେ...............୩

ପଟିଆ,
ଭୁବନେଶ୍ୱର

# ପ୍ରେମ

## ନଳିନୀପ୍ରଭା ମିଶ୍ର

ପ୍ରେମ ହିଁ ଅମୂଲ୍ୟ ପ୍ରେମ ହିଁ ଜାଜ୍ଜ୍ୱଲ୍ୟ
ପ୍ରେମ ହିଁ ସ୍ୱର୍ଗୀୟ ସତ୍ତା
ମଧୁର ମଧୁର ସେହି ଦିବ୍ୟ ଭାବ
ଭାବୁକର ଭାବୁକତା।
ପ୍ରେମ ଅଟେ ସ୍ୱର୍ଗ ପ୍ରେମ ଅଟେ ଯୋଗ୍ୟ
ଯେବେ ତା' ହୁଏ ସାର୍ଥକ
ପ୍ରେମ ହୁଏ ଦୁଃଖ ପ୍ରେମ ହୁଏ ନର୍କ
ହୁଏ ଯେବେ ନିରର୍ଥକ।
ପ୍ରେମ ହିଁ ଫଗୁଣ ବସନ୍ତ ଋତୁର
ଚଇତାଳି ମନ ଛୁଆଁ
ପ୍ରେମ ହୁଏ ଦୃଢ଼ ଦୁଇଟି ହୃଦୟେ
ହେଲେ ମନ ଦିଆନିଆ।
ପ୍ରେମ ହିଁ ମନର ଦୁର୍ବଳ ଚିନ୍ତନ
ଆବେଗ ଭାବ ପ୍ରବଣ
ବିଫଳ ପ୍ରେମିକ ହାରିଲେ ବିବେକ
ମୃତ୍ୟୁ କରେ ଆଲିଙ୍ଗନ।
ପ୍ରେମ ହିଁ ମୁରୁଖ ଅଧିଷ୍ଠ ସାମ୍ରାଜ୍ୟ
ପରକୀୟା ପ୍ରୀତି ରଚି
ପରିବାର ରୂପୀ ସୁଖ ସାଗରରେ
ଖେଳାଏ ଅଶାନ୍ତ ବୀଚି।

ପ୍ରେମୀ କରେ ପ୍ରେମ ସକଳ ଜଗତ
ମଣେ ନାହିଁ କା'ରେ ହୀନ
ହେଉ ସେ ଆଦର୍ଶ ଅବା ଅନାଦର୍ଶ
ହେଉ ପଛେ ଅଜ୍ଞ ଜନ।
ଯେଉଁ ଠାରେ ପ୍ରେମ ସେଠାରେ ଦେବତା
ପବିତ୍ର ସେହି ଆଳୟ
ଦୁଃଖ,ଶୋକ,ଜରା, କ୍ଲେଶ କ୍ଲାନ୍ତିର
ନଥାଏଟି ବରାଭୟ।
ପ୍ରେମ ନୁହେଁ କେବେ ଲୋକ ଦେଖାଣିଆ
ନୁହେଁ ସେ ଏକତରଫା
ବାସ୍ତବ ପ୍ରେମ ହିଁ ଦର୍ଶାଏ ସମାଜେ
ପରିମାପକର ରେଖା।
ପ୍ରେମ ହିଁ ବନ୍ଧୁତା ହେଲେ ଅନାବିଳ
ମହକାଏ ତା'ର ବାସ
ଆପଣା ଗୁଣର ସମଭାବାପନ୍ନେ
ମହକାଏ ନିଜ ବାସ।
ପ୍ରେମେ ଥାଏ ସୁଖ ପ୍ରେମେ ଥାଏ ଦୁଃଖ
ପ୍ରେମ ହିଁ ଅଟେ ଶାଶ୍ବତ
ପ୍ରେମେ ଥାଏ ଶାନ୍ତି ପ୍ରେମେ ଥାଏ କ୍ରାନ୍ତି
ମହତ ଜନ ବ୍ୟକ୍ତିତ୍ୱ।
ପ୍ରେମର ପୃଥିବୀ ପ୍ରେମ ମନ୍ତ୍ର ଗାଇ
ପ୍ରୀତିର ମଶାଲ ଜାଳି
ବିଶ୍ବ ପ୍ରେମ ଦୀକ୍ଷା ହେଉ ଆମ ଧେୟ
ହିଂସାକୁ ଦେବା ବଳି।

ମୁକୁନ୍ଦ ପୁର, ଆସ୍କା,
ଗଞ୍ଜାମ



# ପ୍ରେମ

**ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର**

୧

ଗୁମାନ ତେଜ ସଜନୀରେ,
ମାନ ଭାଙ୍ଗ ଅଭିମାନିନୀ;
ତୋ' ପାଦ ପାଉଁଜି ଝୁଣ୍ଟିଆ ଅଳତା
ରଙ୍ଗେ ମାରଶର ଆଉ ମାରନି; ଗୁମାନ ତେଜ...।।

୨

କୃଶୋଦରୀ ସିଂହ କଟିରେ ମେଖଳା,
ଝିଲିମିଲି ପାଟ ଦିଶଇ ତୋରା;
ଉରଜ ପଙ୍କଜ ନବୀନ କଳିକା
ଫୁଲଶର ଛଟପଟ କଲାଣି, ଗୁମାନ ତେଜ...।।

୩

ବଧୂ ବେଶେ ମଧୁ ଝରା କୋଟି ଇନ୍ଦୁ,
କପୋଳେ ଝଟକେ ସିନ୍ଦୂର ବିନ୍ଦୁ;
ଗୋଲାପୀ ଅଧର ଚିବୁକ ସୁନ୍ଦର
ଚୁମ୍ବନ ପିଆସି ମୀନ ନୟନୀ, ଗୁମାନ ତେଜ...।।

୪

ନକର ବିମନା ଗୋ ନୀଳ ନୟନା
ଆଉ ତୁ ନକର ସହୀ ଛଳନା
ପିଆସି ଭ୍ରମର ସେତ ମଧୁ ଚୋର
ଫୁଲ ଶର ଆସି ମାରି ଦେଲାଣି, ଗୁମାନ ତେଜ...।।

**ମଙ୍ଗଳାଯୋଡ଼ି, ଟାଙ୍ଗୀ,**
**ଖୋର୍ଦ୍ଧା**

# ପ୍ରେମ

କୈଳାସ ଚନ୍ଦ୍ର ପାଢ଼ୀ



ସଜନୀ ଗୋ ତୁମ
ସୌଖିନ୍ କୋଳେ
ମୁଣ୍ଡ ଥାପି,
ସଂସାରର ଏ
ନିଷ୍ଠୁରତାକୁ
ଦେବି ମୁଁ ଫାଙ୍କି ।।

ପ୍ରେମର-ପୂଜାରୀ
ପ୍ରେମରେ ଜିଇବା
ଜାଣିଛି ମୁହିଁ,
ପ୍ରାଣ ଦେଇପାରେ
ପ୍ରେମର-ମନ୍ତ୍ରେ
ମୁଗ୍ଧ ହୋଇ ।।

ପ୍ରେମରୁ ଜାତ ଏ
ସୃଷ୍ଟି -ସମୂହ
ଘୃଣାରୁ ନୁହେଁ,
ତ୍ୟାଗ -ତିତିକ୍ଷାରେ
ପ୍ରେମ ତ
ମୂର୍ତ୍ତିମନ୍ତ ହୁଏ ।।

ପ୍ରେମର-ଭୂଷଣ
ମୈତ୍ରୀ ଓ ପ୍ରୀତି
ଶାନ୍ତି-ସ୍ନେହ,
ହିଂସା ଓ ଦ୍ବେଷ
ଇର୍ଷା-ଅସୂୟା
କଦାପି ନୁହଁ ।।

ପ୍ରେମର ସ୍ୱର୍ଶେ
ନାଭିବ୍ରହ୍ମରୁ
ବିନ୍ଦୁ ଝରେ,
ତିମିର-ଗର୍ଭୁ
ଆଲୋକ-ଦେବତା
ରଶ୍ମି ଝରେ ।।

ସଜନୀ ଗୋ ତୁମେ
କହୁନାହଁ କିଛି
ନୀରବ କିଆଁ,
ସାରା ସଂସାରେ
କାହିଁ ପାଇଁ ଆଜି
ଜଳୁଛି ନିଆଁ ।।

ଜାଣିଛି ଗୋ ସଖୀ
ଜାଣିବି ମଉନ
ରହିବ ତୁମେ,
ଧୂର୍ତ୍ତ-ସମାଜ
ଶାଣିତ ଖଡ୍ଗ
ବାଜିଛି ମର୍ମେ ।।

ବାଜିଛି ବୋଲି ତ
ଆଖିରୁ ତୁମର
ରକ୍ତ ଝରେ,
ମଧୁମୟ ଏଇ
ସୃଷ୍ଟି ଅଜ୍ଞାତ
ରୋଗରେ ଥରେ ।।

କୁମାରପୁର, ଅନନ୍ତପୁର
ବାସୁଦେବପୁର, ଭଦ୍ରକ

# ପ୍ରେମ

**ସୀମା ମେହେର**

ଗୋରା ଚେହେରାରେ
ପରସ୍ତେ ଲିପଷ୍ଟିକ ଥିବା ଓଠରେ
କଜଳ ବୋଳା ଆଖିରେ
ଇନ୍ଦ୍ରଧନୁ ରଙ୍ଗରେ ରଙ୍ଗାୟିତ ଚୁଟିରେ
ତୁମେ କେଉଁଠି ଅଛ ପ୍ରେମ ?

କଣ୍ଟା ସହ ସତେଜ ଗୋଲାପରେ
ନାନା ରଙ୍ଗର ପୁଷ୍ପ ଗୁଚ୍ଛରେ
ଦାମୀ ଉପହାରରେ
ବଡ଼ ରେଷ୍ଟୁରାଣ୍ଟରେ
ତୁମେ କେଉଁଠି ଅଛ ପ୍ରେମ ?

ଫୋନରେ ଘଂଟା ଘଂଟା କଥାରେ
ଲମ୍ବା ଲମ୍ବା ହ୍ୱାଟ୍ସଆପ୍ ଚାଟରେ
ଫେସବୁକ୍ ର ଅସରନ୍ତି ଫଟୋରେ
ଇନଷ୍ଟା ଗ୍ରାମରେ, ରିଲ୍ସରେ
ତୁମେ କେଉଁଠି ଅଛ ପ୍ରେମ ?

ଖାନଦାନି ପରିବାରରେ
ବିରାଟ ବାସ ଭବନରେ
ବିପୁଳ ବ୍ୟାଙ୍କ ବାଲାନ୍ସରେ
ମୋଟା ଦରମାରେ
ଉଚ୍ଚ ପଦବୀରେ
ତୁମେ କେଉଁଠି ଅଛ ପ୍ରେମ ?

ଲିଭ୍ ଇନରେ
ଆରେଞ୍ଜ ମେରେଜ୍ ରେ
ଉଦୁଲିଆ ସମ୍ପର୍କରେ
ସମଲିଙ୍ଗି ବିବାହରେ
ତୁମେ କେଉଁଠି ଅଛ ପ୍ରେମ ??

ବରଗଡ଼

# ପ୍ରେମ

ଆରତୀ ପ୍ରହରାଜ



ସ୍ଥିତି, ଉତ୍ପତ୍ତି ଆଉ ଅବସ୍ଥିତି
ସବୁରି ମୂଳରେ ତା'ରି ସତ୍ତା
ସେଇ ତ ପ୍ରେମ -
ସ୍ୱର୍ଗୀୟ, ନିରାସକ୍ତ, ସୌନ୍ଦର୍ଯ୍ୟମୟ
ନିରାକାର ତା'ର ରୂପ
ସେ ହିଁ ଅସୀମ, ସେ ବି ସସୀମ
ଉତ୍ତାଳ ତରଙ୍ଗରେ ତରଙ୍ଗାୟିତ
ଆହ୍ଲାଦିତ ଆଉ ଆମୋଦିତ
ବନ୍ଧ ମାନେନା, ବାନ୍ଧିଥାଏ ପ୍ରେମର ରଜ୍ଜୁରେ
ଛୁଇଁ ବି ଛୁଏନା ପଦ୍ମପତ୍ରରେ ଜଳପରି
ଟାଣିନିଏ ମନକୁ ମାନବିକତା ଆଡ଼କୁ
କୋଇଲାରୁ ହୀରା ପାଲଟିଲା ପରି
ଉଞ୍ଚେଇଲା ଖଣ୍ଡା ବି ଖସିପଡେ ସେଇ ଆହ୍ୱାନରେ
ଆଲୋକିତ କରେ ମନକୁ
ଦୋହଲାଏ ହୃଦୟକୁ
ଖେଳିଯାଏ ପ୍ରାଣରୁ ପ୍ରାଣକୁ
ସତରେ ତା'ର ଟିକିଏ ଝଲକ
ଅଭିବ୍ୟକ୍ତ କରିଦିଏ ମନର ବେଦନା
ସିଞ୍ଚିଦିଏ ବରଫର ଆଦ୍ରତା
ମେଣ୍ଟିଯାଏ ତୃଷା ଆଉ ମିଳିଯାଏ
ବଞ୍ଚିବାର ରାହା
ଯୁଗଯୁଗରୁ କାହିଁ କେତେ ଯୁଗରୁ
ପ୍ରେମ ଅମଳିନ, ଶାଶ୍ୱତ ଆଉ କାଳଜୟୀ
ଭିନ୍ନ ଭିନ୍ନ ଢ଼ଙ୍ଗରେ
ଆଉ ଭିନ୍ନ ରୂପରେ ।

ଭୁବନେଶ୍ୱର

# ପ୍ରେମ

## ପଦ୍ମଲୋଚନ ସାହୁ

ପ୍ରେମ ନୁହେଁ ମିଛ ସ୍ମୃତି
ମିଛ ପ୍ରତାରଣା
ପ୍ରେମ ପରା
ଶୁଦ୍ଧପୂତ ଗଙ୍ଗାର ଝରଣା।

ପ୍ରେମ ନୁହେଁ ଦେହଭୋଗୀ
ଦେହୁଁ ଅନ୍ୱେଷଣ
ପ୍ରେମ ଏକ ଆତ୍ମା ପ୍ରତି
ଆତ୍ମାର ବନ୍ଧନ।

ପ୍ରେମ କେବେ ମରେ ନାହିଁ
ସଦା ସେ ଅମର
ପ୍ରେମ କେବେ ସରେ ନାହିଁ
ସେ' ଅମୃତ ଭଣ୍ଡାର।

ପ୍ରେମ ଏକ ଅମାନିଆ
ଦୁଷ୍ଟ ପ୍ରଜାପତି
ପ୍ରେମ କେବେ ନିଛାଟିଆ
ସ୍ବଚ୍ଛ ଜହ୍ନ ରାତି।

ପ୍ରେମ ଏକ ଖରସ୍ରୋତା
ଅଙ୍କାବଙ୍କା ନଈ
ପ୍ରେମ କେବେ ଧରା ଦିଏ
କେବେ ଧରା ଦିଏ ନାହିଁ।

ପ୍ରେମ କେବେ ଜଳ ନୁହେଁ
ବୁଡ଼ାଏ ସେ କୁଳ
ପ୍ରେମ କେବେ ଦହନ ସେ
ନଥାଇ ଅନଳ।

ପ୍ରେମ ଏକ ନିଛାଟିଆ
ଖରା ଛାଇ ଖେଳ
ପ୍ରେମ ଏକ ଅଭୁଲା
ନିରୋଳା ସଞ୍ଜ ବେଳ।

ପ୍ରେମ ନୁହେଁ ଶଠତାର
ନିର୍ବିକାର ପଣ
ପ୍ରେମ ଏକ ଅବିନାଶୀ ଆତ୍ମାର
ଅମୃତ ଭଣ୍ଡାର।

ପ୍ରେମ ଏକ ଅନୁଭବୀ ଆତ୍ମାର
ଅମର ସଂପଦ
ପ୍ରେମ ସଦା ଅସରନ୍ତି, ଅକ୍ଷୟ,
ଶାଶ୍ୱତ, ଅଭୂଲା ଅତୀତ।

ଜଟଣୀ

# ପ୍ରେମାଳାପ

ସୁରେଶ ଚନ୍ଦ୍ର ରଥ



ନାୟକ -- ତରୁଣୀ ବର'
ତୀର ନ ମାର'
ତରଣୀ ତରଙ୍ଗେ ହୁଏ ଅଧୀର
ନାୟିକା -- ଚଞ୍ଚଳ ବୀର
ଚଞ୍ଚୁ ନ ଖୋଲ
ଚପଳ ଚାରଣ ଜାଣେ ହୁନ୍ଦର
ନାୟକ -- ସୁନ୍ଦରୀ ଗୋରୀ
ସୁଶୀଳା ନାରୀ
ସୁରତି ପ୍ରଦାନେ ଅମଙ୍ଗ ଭାରି
ନାୟିକା -- ଚିକ୍କଣ କଥା
ଚିରେ ସେ ମଥା
ଚୋରି କର ନାହିଁ ଅନ୍ୟ ସାଇତା
ନାୟକ -- ରୂପ ଗୁଣରେ
ରତି ବି ହାରେ
ରମଣ ପ୍ରବୃତ୍ତି ବଢ଼େ ସତ୍ୱରେ
ନାୟିକା -- ମାନ ସନ୍ଦେଶ
ମାଗୁର ନିଶ
ମନେ ମନେ ପାନ କର ତୁ' ରସ
ନାୟକ -- ରୂପ କୁମାରୀ
ରଙ୍ଗିଲା ଭାରି
ରୋମାଞ୍ଚ ଜାତରେ ଦେହ ଶିହରି
ନାୟିକା -- ଫଟା ରସିକ
ଫାନ୍ଦ ଅଧିକ
ଫାଟିଯିବ ତୋର ଗାଲ ଯୋଡ଼ିକ

ଜଟଣୀ, ଖୋର୍ଦ୍ଧା

# ପ୍ରେମ ପାଇଁ ଦୁଇ ପଦ

ତ୍ରିଲୋଚନ ଦାସ



ପ୍ରେମ ଏକ ଅଦିନିଆ ଶିହରଣ
ଶିହରାଏ ତନୁ-ମନ-ପ୍ରାଣ
ଛପି ଛପି ଗାଏ ଗ୍ରୀଷ୍ମରେ ଗଜଲ
ଛମ୍ ଛମ୍ ଉଦାସୀ ଶ୍ରାବଣ।

ପ୍ରେମ କେବେ ସୋରିଷ ଫୁଲର ରଙ୍ଗ
ବଉଳର ମହମହ ବାସ୍ନା
ଝରଣାର କୁଳୁକୁଳୁ ଗୀତି ସୁର
ପୂର୍ଣ୍ଣିମାର ସ୍ନିଗ୍ଧ ନୀଳ ଜ୍ୟୋସ୍ନା

ଗୀତିମଞ୍ଜରୀ, ମୈତ୍ରୀବିହାର,
ଭୂମିକା ଚକ୍ଷୁ ଚିକିତ୍ସାଳୟ ପଛ , ଖୋର୍ଦ୍ଧା

# ଭଲ ପାଇବା

**ଯମେଶ୍ୱର କହଲସିଂହ**



ଏମିତି ସମୟ ଆସେ
କଣ୍ଟା ଦେହେ ଫୁଟିଯାଏ ଫୁଲ
ସବୁ ବାସେ ବଉଳ ବଉଳ
ଅନ୍ୟପାଖେ ଖୋଲିବାକୁ ଇଚ୍ଛାହୁଏ
ଏଇ ମନ, ଆତ୍ମା ଆବରଣ ।

ସବୁକିଛି ସମର୍ପଣ କରିବାକୁ
ଭାରି ଭଲଲାଗେ
ରକ୍ତ ମାଂସ  ଅରଣ୍ୟରେ ଶିହରଣ
ପଦଧ୍ୱନି ଶୁଭେ........।

ସାମାନ୍ୟକଥନଟିଏ
ଇଏ ତ ପ୍ରେମର
ଯାହା ସବୁ ଯୌବନର ଉଷ୍ମ ଉପହାର,
ତା' ସାଥିରେ କିଛି ହସ,
କିଛି ଲୁହ , ସନ୍ଦେହ ଜୁଆର ।

ଆଜି, ଭଲପାଇବାର ସଜ୍ଞା
ଯାଇଛି ବଦଳି,
କୁସୁମିତ ପ୍ରେମପଥେ
ଲାଗିଛି ଶିଉଳୀ.....।
ଏଠି ଭଲପାଇବାର ମାନେ
ନିରୋଳାରେ ଭେଟାଭେଟି
ଅଭିମାନେ ସମ୍ପର୍କର କଥା କଟାକଟି ।

ପ୍ରେମ ଏଠି ଖିଆପିଆ ଦିଆନିଆ
ମୋବାଇଲ୍ ନମ୍ବର ଠିକଣା,
ଉପଭୋଗ, ପ୍ରତାରଣା
ମନିପର୍ସ ଖୋଜିବା ବାହାନା ।

**ଲୋକିପୁର, ଗଡମାଣତୀର,**
**ଖୋର୍ଦ୍ଧା**



# ପ୍ରେମ

**ନିଶିକାନ୍ତ କହଲସିଂହ**

ପ୍ରେମ........ ଉଆଁସୀ ଜହ୍ନର ପ୍ରିୟା
ପ୍ରେମ........ ଅମୁହାଁ ଦେଉଳେ........
ପୋଡ଼ା ସଳିତାର ଧୂଆଁ.........।। ୦ ।।

ପ୍ରେମ ସୁଖର ବୀଣାରେ ସୁରଟିଏ
ପ୍ରେମ ଦୁଃଖର ମରୁରେ ଝରଟିଏ,
ପ୍ରେମ ନୀଳ ଆକାଶର ତାରାଫୁଲ
ପ୍ରେମ ବାରୁଦ ଗଦାରେ ନିଆଁଝୁଲ,
ପ୍ରେମ ........ ଫଗୁଣ ଫୁଲର ଛୁଆଁ..........
ପ୍ରେମ ସପନ ସାଗରେ ..........
ଅମାନିଆ ଟିକି ନାଆ...........
ପ୍ରେମ .....ଉଆଁସୀ ଜହ୍ନର ପ୍ରିୟା....।। ୧ ।।

ପ୍ରେମ ଛନଛନ ନୀଳ ନଈଟିଏ
ପ୍ରେମ ଛଳଛଳ ନୀଳ କଇଁଟିଏ,
ପ୍ରେମ ମାୟାବିନୀ ଏକ ନୀଳପରୀ
ପ୍ରେମ କଦମ୍ବବନର କାଦମ୍ବରୀ,
ପ୍ରେମ.....ବଇଶାଖୀ ଝାଞ୍ଜି ବାଆ............
ପ୍ରେମ ହାରିବା ଜିତିବା .........
ଜୀବନ ମଝିରେ ଜୁଆ..........
ପ୍ରେମ ....ଉଆଁସୀ ଜହ୍ନର ପ୍ରିୟା.....।। ୨ ।।

ଲୋକିପୁର, ଗଡ଼ମାଣତୀର,
ଖୋର୍ଦ୍ଧା

# ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ଡ. ରଶ୍ମୀରଞ୍ଜନ ନାଥ

ଆବିର୍ଭାବ : ୧୯.୦୬.୧୯୭୧


ତିରୋଧାନ : ୧୨.୦୮.୨୦୨୩

ରଶ୍ମି ତୁ ଯୁଆଡେ ଯାଉ
ମୋତେ କହୁ
ଏଥର ଯାଇ ଲୁଚିଗଲୁ ଯେ
ଖବର ଦେଲା
ଆକାଶ, ମାଟି, ପାଣି ଓ ପବନ
ଅସମୟରେ ସୁରୁଜ, ଚନ୍ଦ୍ରରୁ
ଅପସରିଗଲା କଅଁଳ କିରଣ ଗାର
ନୟନରୁ ଝରୁଥିଲା
ଅଖଣ୍ଡ ରଶ୍ମି ବଦଳରେ
ଲହୁ, ଲୁହର ମେଞ୍ଚା ମେଞ୍ଚା ଧାର...
ଏଇ ତୋର ପ୍ରିୟ ମହାବିଦ୍ୟାଳୟ
ପରୀକ୍ଷା ପରିଚାଳନା
ଜାତୀୟ ସେବା ଯୋଜନା
ସମ୍ମାନ ଓ ପୁସ୍ତକ ପ୍ରକାଶନ
ଆମରିସତ୍ୟ
ପ୍ରମୋଦ ସାରଙ୍କଠାରୁ
ପାଠର ସନ୍ଦେହ ମୋଚନ...
ତୋର ଉପସ୍ଥିତିର ଉପସ୍ଥାନକୁ
ଭସେଇ ନେଲା ଶ୍ରାବଣର ସୁଅ
ତୋର ତୀର୍ଯ୍ୟକ କଟାକ୍ଷର

ମହଣ ମହଣ ରାଗକୁ
କାଗଜଡ଼ଙ୍ଗାରେ ଭରି
ଶେଷ ଠିକଣାରେ ସଜେଇ
ବାଟବଣା ବଣିକ ପରି
ଅଫେରା ରାଇଜକୁ
କାହିଁକି ଗଲୁ?
ଶୁବୁନା, ବୁବୁନା ଓ ସନ୍ଧ୍ୟା
ସଭିଏଁ ନିର୍ବାକ, ନିଥର
ମଉସା ତ କାନ୍ଦିବା ବଦଳରେ
ନବେ ବର୍ଷର ନଇଁ ଯାଇଥିବା
ଅଣ୍ଟାକୁ ଆଣ୍ଟରେ ସଳଖୁଛନ୍ତି
ଉଠାଇବାକୁ ହେବ
ପରିବାର ବୋଝ
ସ୍ନେହର କରଜ...
ହଁ...ମୋ କଥା
ଜୀବନ ଏକ ଅଧୁରା ପବନ
ଫେରିଲା ପରେ
ଆରମ୍ଭ ହେବ
ରହିଥିବା ଅଧାରୁ ଲେଖା
ପୂରଣ ହେବ ତୋ ଶୂନ୍ୟସ୍ଥାନ।

**ଡ଼. ଲକ୍ଷ୍ମୀଧର ସୁବୁଦ୍ଧି**
**ଅଧ୍ୟାପକ, ବାଲୁଗାଁ ମହାବିଦ୍ୟାଳୟ**

ଆମ କବିତା ❖ ଦ୍ୱିତୀୟ ବର୍ଷ ❖ ଅଷ୍ଟମ ସଂଖ୍ୟା ❖ ଅଗଷ୍ଟ ୨୦୨୩



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା




ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ